ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୩ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 JULY 2025

Vol.No. 36 ■ No.184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...

website : sagarika.in.net

## ଭାରତରେ ବଡ ଆକ୍ରମଣ ପାଇଁ ଯୋଜନା କରୁଛନ୍ତି ପାକିସ୍ତାନୀ ଆତଙ୍କୀ ସଂଗଠନ

### ଭାରତକୁ ସତର୍କ କରାଇଲା ନେପାଳ



ନୂଆଦିଲ୍ଲୀ,୧୨/୭ : ଭାରତ ଉପରେ ପୁଣି ଆକ୍ରମଣ ପାଇଁ ଯୋଜନା କରୁଛନ୍ତି ପାକିସ୍ତାନୀ ଆତଙ୍କୀ । ନେପାଳ ରାସ୍ତା ଦେଇ ଭାରତରେ ଅନୁପ୍ରବେଶ ଓ ଆକ୍ରମଣ ପାଇଁ ବଡ ଷଡଯନ୍ତ୍ର ରଚାଯାଉଥିବା ସର୍ତକ କରାଇଛି ନେପାଳ । ଲସ୍କର ଏ ତୋୟବ ଓ ଜୈଶ ଏ ମହମ୍ମଦ ଆତଙ୍କୀ ନେପାଳ ଦେଇ ଭାରତରେ ଅନୁପ୍ରବେଶ ଓ ଭିଡବହୁଳ ରାସ୍ତା ଉପରେ ଆକ୍ରମଣ କରିପାରନ୍ତି ବୋଲି ସତର୍କ କରାଇଛନ୍ତି ରାଷ୍ଟ୍ରପତିଙ୍କ ପ୍ରମୁଖ ପରାମର୍ଶଦାତା ସୁନୀଲ ବାହାଦୂର । ଏଥିସହ ସେ ଭାରତ-ସୀମାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଭିଜା ମୁକ୍ତ ଯାତାୟତର ଫାଇଦା ଉଠାଇପାରନ୍ତି ଆତଙ୍କୀ । ଏଥିପାଇଁ ଉଭୟ ଭାରତ ଓ ନେପାଳ ସରକାର,ସେନା ଓ ଗୁଇନ୍ଦା ସଂସ୍ଥା ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହ ଆତଙ୍କବାଦୀ ବିରୋଧୀ ଅଭିଯାନକୁ ତ୍ୱରାନିତ୍ୱ କରିବା ଆବଶ୍ୟକ ।

## ସୁସ୍ଥ ହୋଇ ଓଡ଼ିଶା ଫେରିଲେ ନବୀନ



ଭୁବନେଶ୍ୱର, ୧୨/୭ (ନି.ପ୍ର): ସୁସ୍ଥ ହୋଇ ଓଡ଼ିଶା ଫେରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ ଶନିବାର ଅପରାହ୍ନ ୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଛନ୍ତି । ଭୁବନେଶ୍ୱରରେ ପହଂଚିବା ପରେ ନବୀନଙ୍କୁ ଦଳର ସଦସ୍ୟମାନେ ସ୍ୱାଗତ ଜଣାଇଛନ୍ତି। ଗତ ଜୁନ୍ ୨୦ ତାରିଖରେ ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯାଇଥିଲେ। ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୁମ୍ବାଇ ସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ଜୁନ୍ ୨୨ ତାରିଖରେ ନବୀନଙ୍କର ଅସ୍ତ୍ରୋପଚାର ହୋଇଥିଲା। ଜୁଲାଇ ୭ ତାରିଖରେ ସେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ। ମୁମ୍ବାଇ ଯିବା ପୂର୍ବରୁ ସାମାଜିକ ଗଣମାଧମ 'ଏକ୍ସ'ରେ ପୋଷ୍ଟ କରି ନବୀନ ପଟ୍ଟନାୟକ କହିଥିଲେ, ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୋର ଚିକିତ୍ସା ହେବ। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ଏହି ଚିକିତ୍ସା ହେବ। ମୋର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତ୍ତ୍ୱାବଧାନରେ ଏହି ଚିକିତ୍ସା ହେବ।ଏଥି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମାଗୁଛି। ଓଡ଼ିଆ ଭାଇଭଉଣୀଙ୍କର ଶୁଭକାମନା ଚାହୁଁଛି। ମୁଁ ଶୀଘ୍ର ସୁସ୍ଥ ହୋଇ ଫେରି ଆସିବି। ଓଡ଼ିଶାର ସମସ୍ତଙ୍କ ସେବା ଜାରି ରଖିବାକୁ ଅପେକ୍ଷା କରିଛି।

## ମୋଦୀଙ୍କୁ ଭେଟିଲେ ମୋହନ : ହାତରେ ଫାଇଲ ବଢ଼ାଇଲା ଚର୍ଚ୍ଚା



ନୂଆଦିଲ୍ଲୀ,୧୨/୭ : ମାସେ ନପୁରୁଣୁ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ରାଜନୀତିରେ ଚର୍ଚ୍ଚାର ବିଷୟ ହେଉଛି । ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ ଓ ନିଗମ ବୋର୍ଡ ଅଧ୍ୟକ୍ଷ ଚୟନକୁ ଆଲୋଚନା ଲାଗି ରହିଥିବାବେଳେ ମୋଦୀଙ୍କୁ ମୋହନ ଭେଟିବା ରାଜନୈତିକ ମହଲକୁ ଉଷ୍ମ କରିଛି। । ଗତ ମାସ ୨୦ ତାରିଖରେ ଜନତା ମଇଦାନରେ ଏକାଠି ହୋଇଥିଲେ ମୋଦୀ ଓ ମୋହନ । ରାଜ୍ୟସ୍ତରୀୟ ବର୍ଷପୂର୍ତ୍ତୀ ସମାରୋହ ଅବସରରେ ଓଡିଶା ଭିଜନ ୨୦୩୬ ଉପସ୍ଥାପନ କରିଥିଲେ । ଦେଖାଇଥିଲେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ । ମାତ୍ର ଦିନ କେଇଟା ନପୁରୁଣୁ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଉ ସାକ୍ଷାତ ସମୟର ଫଟୋ ବଢ଼ାଇଛି ଚର୍ଚ୍ଚା । ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ଫାଇଲରେ କଣ ଅଛି ସେ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ବିଜେପି ସରକାରକୁ ୧୩ ମାସ ପୂରିଛି। ଏବେ ବି ଅଧା ଗଢ଼ା ହୋଇ ପଡିଛି ମନ୍ତ୍ରୀମଣ୍ଡଳ । ସଭାପତି ଚୟନ ପରେ ଖାଲି ପଡିଥିବା

▶▶ପୃଷ୍ଠା ୭

## ଅର୍ଚ୍ଚନାଙ୍କ ବିସ୍ଫୋରକ ବୟାନ: ବବି-ମାନସ ଓ ୪ ପୁଲିସ ଅଫିସର ଷଡ଼ଯନ୍ତ୍ର କରି ତାଙ୍କୁ ଜେଲ୍ ପଠାଇଥିଲେ



ଭୁବନେଶ୍ୱର, ୧୨/୭ (ନି.ପ୍ର): "ବିଜେଡି ନେତା ପ୍ରଣବପ୍ରକାଶ ଦାସ(ବବି), ମାନସ ମଙ୍ଗରାଜ ଓ ଅମରେଶ ଜେନାଙ୍କ ସମେତ ୪ଜଣ ପୁଲିସ ଅଫିସର ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ସହ ପୂର୍ବ ପରିକଳ୍ପିତ ଷଡ଼ଯନ୍ତ୍ର କରି ତାଙ୍କୁ ଜେଲ୍ ପଠାଇଥିଲେ । ତାଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ନଥାଇ ମଧ ବିଜେଡି ସରକାର ସମୟରେ ଷଡ଼ଯନ୍ତ୍ର କରି ଜେଲ୍ ପଠାଇ ହଇରାଣ ଓ ନାନାଦି ନିର୍ଯାତନା ଦିଆଯାଇଥିଲା ।" ଆଜି ଏଭଳି କିଛି ବିସ୍ଫୋରକ ବୟାନ ସହ ଗୁରୁତର ଅଭିଯୋଗ କରିଛନ୍ତି ବହୁଚର୍ଚ୍ଚିତା ଅର୍ଚ୍ଚନା ନାଗ । ଏକ ସାମ୍ବାଦିକ

▶▶ପୃଷ୍ଠା ୭

## କଲେଜ୍ ଛାତ୍ରୀ ଦେହରେ ନିଆଁ ଲଗାଇବା ମାମଲା: ଅଧ୍ୟକ୍ଷ ନିଲମ୍ବିତ, ବିଭାଗୀୟ ମୁଖ୍ୟ ଗିରଫ




ବାଲେଶ୍ୱର, ୧୨/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମହାବିଦ୍ୟାଳୟର ଜଣେ ଛାତ୍ରୀ ଦେହରେ ନିଆଁ ଲଗାଇବା ମାମଲାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ମନୋଜ କୁମାର ସାହୁଙ୍କୁ ନିଲମ୍ବନ କରିଛନ୍ତି। ଏହାରି ମଧ୍ୟରେ ଅଭିଯୁକ୍ତ ଅଧ୍ୟାପକ ଶ୍ରୀସାହୁଙ୍କୁ ପୁଲିସ ଗିରଫ କରିଛି। ସୂଚନାଯୋଗ୍ୟ, ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଦୁର୍ବ୍ୟବହାର କରୁଥିବା ନେଇ ପିଏଚ୍‌ଡି ଦ୍ୱିତୀୟ ବର୍ଷର ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ କଲେଜ କର୍ତ୍ତୃପକ୍ଷ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଶୀଘ୍ର ନେଇ ନଥିବାରୁ ଅଶାନ୍ତିରେ ଦିନ କାଟୁଥିଲେ। ଏହି ମାମଲାର କୌଣସି ଦୃଷ୍ଟାନ୍ତମୂଳକ ସମାଧାନ ପାଇଁ ମଧ ଉଦ୍ୟମ କରାଯାଇନଥିଲା। ଏହି କାରଣରୁ ଛାତ୍ରୀ ଜଣକ ମାନସିକ ଚାପରେ ଥିଲେ। ଶେଷରେ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଆଜି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବା ପରେ ଛାତ୍ରୀଜଣକ ଗୁରୁତର

▶▶ପୃଷ୍ଠା ୭

## ଗାଡ଼ି ଗଡିଲା, ଧମକାଇଲେ ମେଣ୍ଟୁଳି : ସଂଘରୁ କାଢ଼ି ଦେବାକୁ ଦେଲେ ଖୋଲା ଧମକ




ଭୁବନେଶ୍ୱର, ୧୨/୭ (ନି.ପ୍ର): ଡ୍ରାଇଭର ମହାସଂଘର ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି । କିନ୍ତୁ ଏହା ଭିତରେ ଡ୍ରାଇଭର ମହାସଂଘ ଫାଳ ଫାଳ ହୋଇଯାଇଛି । କିଛି ଡ୍ରାଇଭର ପୁଣି ଥରେ ଷ୍ଟିୟରିଂ ଧରିଛନ୍ତି । ଆଉ କିଛି ଡ୍ରାଇଭର ଏବେ ବି ଆନ୍ଦୋଳନ ଜାରି ରଖିଛନ୍ତି । ସେପଟେ ଡ୍ରାଇଭର ମହାସଂଘର ସଭାପତି ଷ୍ଟିୟରିଂ ଧରିଥିବା ଚାଳକଙ୍କୁ ଦେଇଛନ୍ତି ଖୋଲା ଧମକ । ବସ୍ ମାଲିକ ସଂଘର ଘୋଷଣା ଅନୁସାରେ ଆଜି ସାରା ରାଜ୍ୟରେ ଗଡିଛି ଘରୋଇ ବସ୍ । ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡ଼ା, ସମ୍ବଲପୁର, ବଲାଙ୍ଗୀର, ବ୍ରହ୍ମପୁର, ଯାଜପୁର ସମେତ ସବୁଠି ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି । ବସ୍ ଚଳାଚଳ କରିବା ପରେ ଯାତ୍ରୀଙ୍କ ମୁହଁରେ ହସ ଫୁଟିଛି। ଯେଉଁମାନେ ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ ସେମାନେ ଆଜି ଗନ୍ତବ୍ୟସ୍ଥଳକୁ ଯାଇଛନ୍ତି। ବସ୍ ଚଳାଚଳ କରିବା ପରେ ଫାଳ ଫାଳ ହୋଇ ଯାଇଛି ଡ୍ରାଇଭର ମହାସଂଘ । କିଛି ଡ୍ରାଇଭର ପୁଣି ଥରେ ଗାଡ଼ି ଉପରକୁ ଉଠିବା ସହ ଷ୍ଟିୟରିଂ ଧରିଥିବାବେଳେ ଆଉ କିଛି ଡ୍ରାଇଭର ଏବେ ବି ଆନ୍ଦୋଳନ ଚଳାଇଛନ୍ତି । ସେମାନଙ୍କ ଦାବି ପୂରଣ

▶▶ପୃଷ୍ଠା ୭

## ପୁରୀ ଡେଲାଙ୍ଗରେ ବାର୍ଡ ଫ୍ଲୁ ପରେ ବଢ଼ିଲା ଭୟ: ଆରମ୍ଭ ହେଲା କୁକୁଡ଼ାମରା ଅଭିଯାନ

ପୁରୀ, ୧୨/୭ (ନି.ପ୍ର): ଆରମ୍ଭ ହେଲା କୁକୁଡ଼ା ମରା ଅଭିଯାନ। ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ପୁଣି ବାର୍ଡ ଫ୍ଲୁ ବ୍ୟାପିଥିବା ରକ୍ତ ନମୁନା ରିପୋର୍ଟ ଆସିବା ପରେ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଛି । ପ୍ରାୟ ୬ ହଜାର କୁକୁଡ଼ା ମରାଯିବ । ୪ ମାସ ତଳେ ଅଞ୍ଚଳରେ ବାର୍ଡ ଫ୍ଲୁରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ଏବେ ଚାଷୀ ପୁଣି ମୁଣ୍ଡରେ ହାତ ଦେଲେଣି । ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ପୁଣି ବ୍ୟାପିଛି ବାର୍ଡ ଫ୍ଲୁ । ସଂକ୍ରମଣ ରୋକିବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ରାପିଡ୍ ରେସ୍ପନସ ଟିମ୍- ଆରଆରଟି କୁକୁଡ଼ା ମରା ଅଭିଯାନ ଆରମ୍ଭ କରିଛି । ପ୍ରଥମେ ବଡ଼ ଅଂକୁଳାର ଏକ କୁକୁଡ଼ା ଫାର୍ମ ରୁ ସଂକ୍ରମତ କୁକୁଡ଼ା ଅଭିଯାନ ଆରମ୍ଭ ହୋଇଛି। ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ

▶▶ପୃଷ୍ଠା ୭

## ଡ୍ରାଇଭରଙ୍କ ଆନ୍ଦୋଳନକୁ ସମର୍ଥନ ଦେବ କଂଗ୍ରେସ: ପିସିସି ସଭାପତି

ଭୁବନେଶ୍ୱର, ୧୨/୭ (ନି.ପ୍ର): ଡ୍ରାଇଭର ସଂଘ ଆନ୍ଦୋଳନ ପ୍ରସଙ୍ଗ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ସମ୍ମିଳନୀ ରେ ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି ଡ୍ରାଇଭର ସଂଘର ସହଯୋଗ ଯୋଗୁଁ କଂଗ୍ରେସ ସମ୍ବିଧାନ ବଂଚାଅ ଆନ୍ଦୋଳନ ସଫଳ ହେଲା। ୧୦ ଲକ୍ଷ ଡ୍ରାଇଭର ହେଲେ ନୀତି ନିୟମ କିଛି ନାହିଁ। ରାହୁଲ ଗାନ୍ଧୀ ତାଙ୍କ ପାଇଁ ସ୍ୱର ଉଠାଇଲେ। ବିଜେପି ସରକାର ଚାହୁଁଥିଲା କଂଗ୍ରେସର ସମ୍ବିଧାନ ବଂଚାଅ ଆନ୍ଦୋଳନ ବିଫଳ ହେଉ। ଡ୍ରାଇଭର ସଂଘର ସହଯୋଗ ଯୋଗୁଁ କଂଗ୍ରେସ ସମ୍ବିଧାନ ବଂଚାଅ ଆନ୍ଦୋଳନ ସଫଳ ହେଲା। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସବୁ ଜାଗାରେ ସମର୍ଥନ କରିବ। ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁଁ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଫସା ଯାଉଛି।

## କର୍ଣ୍ଣାଟକ ଉପରେ ବର୍ତ୍ତମାନ କୌଣସି ନିଷ୍ପତ୍ତି ନିଆଯିବନି: ସସ୍‌ପେନ୍ସରେ ରାହୁଲ ଗାନ୍ଧୀଙ୍କ ଉତ୍ତର

ନୂଆଦିଲ୍ଲୀ,୧୨/୭ : କର୍ଣ୍ଣାଟକ ରାଜନୀତିରେ କଂଗ୍ରେସର ଦୁଇ ମୁଖ୍ୟ ନେତା ତଥା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସ୍ପଷ୍ଟ ମନା କରୁଥିଲେ ମଧ ନେତୃତ୍ୱ ପରିବର୍ତ୍ତନ ନେଇ ସସପେନ୍ସ ଜାରି ରହିଛି । ଏ ସମ୍ପର୍କରେ ବର୍ତ୍ତମାନ ପାଇଁ କୌଣସି ନିଷ୍ପତ୍ତି ନେବାକୁ ସମ୍ଭବତଃ କଂଗ୍ରେସ ହାଇକମାଣ୍ଡ ରାହୁଲ ଗାନ୍ଧୀ ଚାହୁଁନାହାଁନ୍ତି । କର୍ଣ୍ଣାଟକ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କୀୟ ନିଷ୍ପତ୍ତି ଉପରେ ବର୍ତ୍ତମାନ ପାଇଁ କୌଣସି ପଦକ୍ଷେପ ନେବା ସପକ୍ଷରେ ନାହାଁନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ସେଥିପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଅଲଗା ଅଲଗା ସାକ୍ଷାତ ଆଲୋଚନା ପାଇଁ ସମୟ ମାଗିଥିଲେ ମଧ ରାହୁଲ ଏହି ଦୁଇଜଣଙ୍କୁ ଭେଟି ନାହାଁନ୍ତି । ଅନ୍ୟପକ୍ଷରେ ରାଜ୍ୟକୁ ଫେରି କଂଗ୍ରେସ ପ୍ରତିଶ୍ରୁତି ଉପରେ କାମ କରିବାକୁ ଦୁଇଜଣଙ୍କୁ କର୍ଣ୍ଣାଟକ ସାଧାରଣ ସମ୍ପାଦକ ରଣଦୀପ ସୁରଜେୱାଲାଙ୍କ ମାର୍ଫତ୍ ?ରେ ନିର୍ଦ୍ଦେଶ ଦିଆଯାଇଛି । ନେତୃତ୍ୱ ପରିବର୍ତ୍ତନ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବାରମ୍ବାର ସଫେଇ ଦେଉଛନ୍ତି । ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ଡିକେ ଏ ସମ୍ପର୍କରେ ବାରମ୍ବାର କୌଣସି ମତାମତ ଦେବାକୁ ପଛାଉଛନ୍ତି । ମାତ୍ର ଦୁଇ ପ୍ରମୁଖ ନେତାଙ୍କ ଏଭଳି ମତ ସତ୍ତ୍ୱେ ନେତୃତ୍ୱ ପରିବର୍ତ୍ତନ

▶▶ପୃଷ୍ଠା ୭

## ରାହୁଲଙ୍କ ଟାସ୍କ : କାର୍ଯ୍ୟକାରୀ କରିବାକୁ ଭକ୍ତ କରୁଛନ୍ତି ରଣନୀତି



ଭୁବନେଶ୍ୱର, ୧୨/୭ (ନି.ପ୍ର): ରାହୁଲ ଶୁଣିଲେ ନେତାଙ୍କ ମନଖୋଲା କଥା । କହିଲେ ଅତୀତକୁ ଭୁଲ, ଆଗକୁ ବଢ଼, ଲଢ଼େଇ କର । ଭକ୍ତ କରୁଛନ୍ତି ଆଗାମୀ ରଣନୀତି । କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ କଂଗ୍ରେସ ଶିବିରରେ ହଜାରେ ଗୁଣ ଜୋଶ ବଢ଼େଇ ଦେଇଛି । ନେତା ଉତ୍ସାହିତ ହୋଇ ରାହୁଲଙ୍କ ରଣନୀତିରେ ରାଜ୍ୟରେ କ୍ଷମତା ଦଖଲ ପାଇଁ ଏବେଠୁ ସ୍ୱପ୍ନ ଦେଖିଲେଣି । ପଚିଶ ବର୍ଷ ଭିତରେ କଂଗ୍ରେସର ଏମିତି ସମାବେଶ ହେଇନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ବର୍ଷ ବର୍ଷ ଧରି କ୍ଷମତାରେ ନ ଥାଇ ମଧ ସମାବେଶରେ ଏତେ ଲୋକଙ୍କୁ ଦେଖି ଖୁସି ହେଇଛନ୍ତି ରାହୁଲ । ଏଥିସହ କଂଗ୍ରେସ ଭବନରେ ବସିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡିଶା ନେତାଙ୍କୁ ରାହୁଲ ଦେଇଛନ୍ତି ପଞ୍ଚାୟତ ନିର୍ବାଚନ ଦଖଲର ଟାର୍ଗେଟ । ରାହୁଲ ଟାସ୍କ ଦେଇ ଯିବା ପରେ ଆଗାମି ରଣନୀତି ପ୍ରସ୍ତୁତ କରୁଛନ୍ତି ପିସିସି ସଭାପତି ଭକ୍ତ ଦାସ । ନେତାମାନଙ୍କ ସହ ବୈଠକ କରି ସାଂଗଠନିକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତୁତି କରୁଛନ୍ତି।

▶▶ପୃଷ୍ଠା ୭

# ମୋବାଇଲ ଫ୍ରି ଫାୟାରରେ ଏବେକାର ଯୁବପିଢ଼ି ବ୍ୟସ୍ତ : ପିଲାଙ୍କ ଭବିଷ୍ୟତ ଅନ୍ଧାର ନେଇ ଅଭିଭାବକ ଚିନ୍ତିତ

ସମ୍ବଲପୁର, ୧୨/୦୭ (ନି.ପ୍ର): ଆଗରୁ ବିଭିନ୍ନ ଗ୍ରାମାଂଚଳ ମାନଙ୍କରେ ବାଲ୍ୟରୁ ଯୁବପିଢି ସାତଗାଦି, କବାଡି, ବାଡ଼ିଡିଆଁ, ବାଘଛେଳି ଭଳି ଅନେକ ପ୍ରକାରର ଖେଳ ଖେଳି ଛୁଆମାନେ ବୁଦ୍ଧିବାନ ହେବା ସହ ଶାରୀରିକ ସୁସ୍ଥ ଓ ତାଜା ରହୁଥିଲେ । ମାତ୍ର ଏବେକାର ଅତ୍ୟାଧୁନିକ ମୋବାଇଲ ଯୁଗରେ ଅନେକ ବାଳକ ବାଳିକା ଏହି ସବୁ ଖେଳରୁ ଦୁରେଇ ଯାଇ ମୋବାଇଲରେ ଆସୁଥିବା ବିଭିନ୍ନ ଖେଳରେ ଘଂଟା ଘଂଟା ଧରି ନିମଜ୍ଜିତ ରହି ନିଜ ଭବିଷ୍ୟତକୁ ଅନ୍ଧାର ଆଡକୁ ନେଉଥିବା ଦେଖିବାକୁ ମିଳୁଛି । ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମାଂଚଳ ମାନଙ୍କରେ ବର୍ତମାନ ଦେଖିବାକୁ ମିଳୁଛି ସମସ୍ତ ବର୍ଗର ଛାତ୍ରଛାତ୍ରୀ ଓ ଯୁବପିଢ଼ି ମାନେ ପାଠଶାଳ ଓ ଘର କି ବାହାର କାର୍ଯ୍ୟରେ ଧାନ ନଦେଇ, ସକାଳୁ ଉଠିଲା କ୍ଷଣୀ ହାତରେ ମୋବାଇଲଟେ ଧରି ଫୋନ ମାଧ୍ୟମରେ ଆଖପାଖ ସମସ୍ତ ସାଙ୍ଗଙ୍କୁ ଡକାଡାକି ହୋଇ ଏକାଠି ହେଉଛନ୍ତି । ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ମୋବାଇଲ ଅନ୍ କରି ସମସ୍ତେ ଏକାସଙ୍ଗେ ଗୋଟିଏ ମେଳରେ ସମସ୍ତଙ୍କ ମୋବାଇଲରେ ଫ୍ରି-ଫାୟାର ଟିମ ଗଢି ସ୍ୱତନ୍ତ୍ର ଖେଳରେ ବ୍ୟସ୍ତ ରହୁଛନ୍ତି । ପୁଣି ସାନ୍ଧ୍ୟ ହେଲେ ସେହି ଫ୍ରି-ଫାୟାର ଖେଳ ଟିମ କୌଣସି ଏକ ଦୋକାନ ତଥା ନିଛାଟିଆ ଜାଗାରେ ଏମିତି ସେମାନେ ଉକ୍ତ ଗେମରେ ଖେଳ ପ୍ରତି ଧାନଦେଇ ରହୁଛନ୍ତି କ୍ଷ ସକାଳୁ ଆରମ୍ଭ କଲେ ଖେଳଟି କେତେବେଳେ ଶେଷ ହେଉଛି ସେମାନେ ସମୟ ମଧ ଜାଣି ପାରୁନାହାନ୍ତି । ସେମାନେ ଫ୍ରି-ଫାୟାର ଖେଳ ଖେଳି ଦିନ ପରେ ଦିନ ନଷ୍ଟ କରି ଚାଲିଛନ୍ତି । ଏମିତି କି ନିଜ ଘରର କୌଣସି କାର୍ଯ୍ୟ ବୁଝିବା ବା କରିବାର ସାମାନ୍ୟ ତମ ଇଛା ପ୍ରକାଶ କରୁନାହାନ୍ତି । ଛାତ୍ରମାନେ କେତେବେଳେ ସ୍କୁଲ ସମୟ ବିତିଯାଉଛି ସେମାନେ ଜାଣିନପାରି ସେମାନଙ୍କ ପାଠ ପଢାରେ ମଧ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି ପରି ଭାବରେ ଗେମରେ ବ୍ୟସ୍ତ ରହୁଥିବାରୁ ଖାଇବା ସମୟ ମଧ୍ୟ ତାଙ୍କ ନଜରରେ ରହୁନି । ତେଣୁ ଏହି ମୋବାଇଲ ଫ୍ରି-ଫାୟାର ଗେମ ଟିମ ମାନେ ବା ଗାଁ ଗହଳୀର ପିଲାମାନଙ୍କ କେତେବେଳେ କଣ ହେବ ଓ ସେମାନଙ୍କର ଭବିଷ୍ୟତ କଣ ହେବ ଏହାଭାବି ଅଭିଭାବକ ମାନେ ଓ ବୁଦ୍ଧିଜୀବୀମାନେ ବର୍ତମାନ ପିଲାଙ୍କ ଭବିଷ୍ୟତ କୁ ନେଇ ବହୁ ଚିନ୍ତିତ । ଏଥିପ୍ରତି ସରକାର କିଛି ପ୍ରଶାସନିକ ମାଧ୍ୟମରେ ଏହି ମୋବାଇଲ ଫ୍ରିଫାୟାର ଗେମ ପ୍ରତି କିଛି ମାତ୍ରାରେ ରୋକ ଲଗାଇ ଯୁବପିଢ଼ି ଙ୍କୁ ଆୱାରନେସ ମାଧ୍ୟମରେ ଶିକ୍ଷାଦେଲେ ସେମାନଙ୍କ ଭବିଷ୍ୟତ ଠିକ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାର ତୁରନ୍ତ ସମାଧାନ ପାଇଁ ସରକାରଙ୍କୁ ଅଭିଭାବକ ମହଲରୁ ଦୃଷ୍ଟି ଆକର୍ଷଣ କରାଇଛନ୍ତି ।

## ୧୫୦ ଗ୍ରାମର ବ୍ରାଉନସୁଗାର ଜବତ: ଦୁଇ ଗିରଫ

ଖୋର୍ଦ୍ଧା, ୧୨/୦୭ (ନି.ପ୍ର): ସଦର ଥାନା ଅନ୍ତର୍ଗତ ପୋଡାପାଟଣା ଗାଁ ରୁ ଅବକାରୀ ବିଭାଗ ୧୫୦ଗ୍ରାମର ବ୍ରାଉନ ସୁଗାର, ନଗଦ ଏକ ଲକ୍ଷ ଟଙ୍କା, ଗୋଟିଏ ମୋବାଇଲ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ପୋଡ଼ାପାଟଣା ଗାଁର ପଦ୍ମଲାଭ ସାହୁ(୬୩) ଓ ସାନପଦର ଗାଁର ରଞ୍ଜନ କୁମାର ମହାପାତ୍ର (୩୮) । ଅବକାରୀ ବିଭାଗ ସୂଚନା ମୁତାବକ ସଦର ଥାନା ଅନ୍ତର୍ଗତ ଭାଟପଡା ପୋଡ଼ାପାଟଣା ଗାଁର ପଦ୍ମଲାଭ ସାହୁ ନିଜ ଘର ସମ୍ମୁଖରେ ବ୍ରାଉନସୁଗାର କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା ।

# ନିଷ୍ଠା ପରିବାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବରଗଡ, ୧୨/୦୭ (ନି.ପ୍ର): ବରଗଡ଼ ନିଷ୍ଠା ପରିବାରର ମହିଳା ଶାଖାର ସଂଯୋଜିକା ସୁଶ୍ରୀ ତ୍ରିପୁରା ସୁହୁଲା, ତାଙ୍କ ଭଉଣୀ ମିନାକ୍ଷୀ ସୁହୁଲା ଓ ଭାଇ ଅଜୟ ସୁହୁଲାଙ୍କ ଜନ୍ମ ଦିନ ପାଳନ ଅବସରରେ ବରଗଡ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ଠାରେ ନିଷ୍ଠା ପରିବାର ତରଫରୁ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହାନ୍ତ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରକୁ ଉଦ୍ଘାଟନ କରିଥିଲେ । ଏହି ଶିବିରରୁ ସର୍ବମୋଟ ୪୩ ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହିତ ହୋଇଥଲା । ନିଜ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ଭାଇ ଭଉଣୀ ମାନଙ୍କ ପ୍ରାୟାସରେ ଏକ ରକ୍ତ ଦାନ ଶିବିର ଆୟୋଜନ କରିବା ସମାଜ ପାଇଁ ଏକ ଅନନ୍ୟ ଉଦାହରଣ । ରକ୍ତଦାନ କରିଥିବା ସମସ୍ତ ରକ୍ତଦାତା ମାନଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ।ଏକ ନିଆରା ଜନ୍ମ ଦିନ ପାଳନ ପାଇଁ ତ୍ରିପୁରା ଭଉଣୀ, ମୀନାକ୍ଷୀ ଭଉଣୀ, ଅଜୟ ଭାଇଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ ସମସ୍ତଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଶିବିରକୁ ନିଷ୍ଠା ର ସଭାପତି ଅର୍ଣ୍ଣିନୀ ତ୍ରିପାଠୀ ,ଉପ ସଭାପତି ସଚି ପଣ୍ଡା,ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ସାହୁ, ମାନସ ମେହେର, ସୁତପା ଗଡତିଆ, ପ୍ରାଚୀ କରଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ । ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ସୁହୁଲା ପରିବାରଙ୍କୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୋ ଭାରତ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ

କନ୍ଧମାଳ, ୧୨/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମୋ ଭାରତ ଫୁଲବାଣୀ ତରଫରୁ ଆମ୍ବେଦକର କଲେଜ ଖଜୁରୀପଡ଼ା ଠାରେ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଆମ୍ବେଦକର କଲେଜ ର ଅଧକ୍ଷ ଡଃ. ପ୍ରଶାନ୍ତ କୁମାର କର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଧାପକ ପ୍ରମୋଦ କୁମାର ନାୟକ, ବାସୁଦେବ ସାହୁ, ରଶ୍ମୀ ରଞ୍ଜନ ଲେଙ୍କା, ରାମକୃଷ୍ଣ ପଣ୍ଡା, ମୁଖ୍ୟବକ୍ତା ଭାବରେ ଖଜୁରୀପଡ଼ା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷାବିତ୍ ପଙ୍କଜ ପ୍ରଧାନ ଏବଂ ମୋ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଦିବସରେ ଦେଶର ଜନସଂଖ୍ୟା କିପରି ନିୟନ୍ତ୍ରଣ ହେବା ଉପରେ ଆଲଚନା ମୁଖ୍ୟ ବିଷୟବସ୍ତୁ ଥିଲା । ଯୁବ ଭାଇ ଓ ଭଉଣୀ ମାନଙ୍କ ମଧରେ ରଚନା ଓ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ନେହଲତା ମହାନ୍ତି, ପ୍ରଭାସିନୀ ସାହୁ, ଶୁଭଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ଗଣ୍ଡ ପ୍ରମୁଖ ବିଜୟୀ ହୋଇ ଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । କୁଇଜ ଓ ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବୈଠକରେ ମୋ ଭାରତ କନ୍ଧମାଳର ସହ କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ପତିତପାବନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଭିନ୍ନକ୍ଷମ ପ୍ରମାଣପତ୍ର ଜିଲ୍ଲାରୁ ତୃଣମୂଳ ସ୍ତରକୁ ପହଞ୍ଚିଲା

ଜୟପୁର, ୧୨/୦୭ (ନି.ପ୍ର): ଜିଲ୍ଲାପାଳ କୋରାପୁଟ ଭି. କୀର୍ତ୍ତିୱାସନଙ୍କ ଉଦ୍ୟମରେ ଏବେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ କୋରାପୁଟ ସଦର ମହକୁମା ଓ ଜୟପୁର ସହିତ ଏଣିକି ନିଜ ବ୍ଲକ ସ୍ତରରେ ବ୍ଲକ ସଦର ମହକୁମାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଇ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇ ପାରିବେ । ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟାଙ୍ଗି ବ୍ଲକ ଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଆଜି ଏହି ଅବସରରେ ୧୯୮ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ । ସେଥିମଧ୍ୟରୁ ୧୮୪ ଜଣ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ସେଥିମଧ୍ୟରୁ ଚଳନ ବାଧିତ ଦିବ୍ୟାଙ୍ଗ୧୧୦ ଜଣ, ଦୃଷ୍ଟି ବାଧିତ୨୬ ଜଣ, ଶ୍ରାବଣ ବାଧିତ୨୬ ଜଣ, ମାନସିକ ଅନଗ୍ରସର ୧୮ ଜଣ, ରକ୍ତଶିକୁଳି ୪ ଜଣ ବିବେଚିତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିଥିଲେ । ଏହା କରିବା ଦ୍ୱାରା ଲୋକ ମାନଙ୍କୁ କଷ୍ଟ ସ୍ୱୀକାର କରି ଜିଲ୍ଲା ସଦର ମହକୁମା ଓ ଜୟପୁର ଆସିବାକୁ ପଡିବ ନାହିଁ ।

# ଗୋ ସୁରକ୍ଷା ପାଇଁ ଟ୍ରଷ୍ଟ ପକ୍ଷରୁ ଗୋଶାଳା ଆରମ୍ଭ ହେଲା : ପ୍ରଶାସନର ଅସହଯୋଗ ଯୋଗୁଁ ଅସନ୍ତୋଷ

ସୁବର୍ଣ୍ଣପୁର, ୧୨/୦୭ (ନି.ପ୍ର): ସୁବର୍ଣ୍ଣପୁର ସହର ରେ ବୁଲା ଗାଇ ଗୋରୁ, କୁକୁର ଙ୍କ ପ୍ରାଦୁର୍ଭାବ ରୁ ଲୋକ ଙ୍କୁ ସୁରକ୍ଷା ଦେବାକୁ ପୌର ପ୍ରଶାସନ ପକ୍ଷରୁ ବିଭିନ୍ନ ଯନ୍ତ୍ର ପାତି ଗାଡ଼ି ସାହାଯ୍ୟରେ ଗାଇ କୁକୁର ଧରିବାକୁ ପ୍ରାଣୀ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଏ ବିଭାଗ ର ପ୍ରଥମ କର୍ତ୍ତବ୍ୟ ଅଟେ । କିନ୍ତୁ ସୋନପୁର ସହର ରେ ଏହାର ପୁରା ବ୍ୟତିକ୍ରମ ଦେଖି ବାକୁ ମିଳିଛି । ଯା ଫଳରେ କି ବିଚ୍ ରାସ୍ତାରେ ବୁଲା ଷଣ୍ଢ ଓ କୁକୁର ଙ୍କ ଉତ୍ପାତ ଯୋଗୁଁ ଲୋକେ ଅନେକ ଦୁର୍ଘଟଣା ର ଶିକାର ହୋଇ ଧନ ଜୀବନ ନଷ୍ଟ ହେବା ଅନେକ ନଜିର୍ ମଧ ଅଛି । ପଟାଭାଡ଼ି କୋଲ ପଡ଼ା ଠାରେ ଗତ ମେ ମାସ ରେ ଗୋପାଲ୍ଜୀ ଗୋ ସେବା ଚେରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବୁଲା ଗାଇ ଗୋରୁ ଙ୍କ ସୁରକ୍ଷା ପାଇଁ ଏକ ଗୋଶାଳା ର ଉଦଘାଟନ ହୋଇ ଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଏହାକୁ ଉଦଘାଟନ କରି ଗୋ ସୁରକ୍ଷା ଓ ଏହାର ଲାଳନ ପାଳନ ପ୍ରତ୍ୟେକ ନାଗରିକ ଙ୍କ ଦାୟିତ୍ୱ କର୍ତ୍ତବ୍ୟ ବୋଲି କହି ଏହାର ଭିତ୍ତି ଭୂମି ଓ ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ର ସମସ୍ତ ସହଯୋଗ ରହିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇ କେୟାର ଟେକର ଚେରି ଟେବୁଲ୍ ଟ୍ରଷ୍ଟ ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ । ହେଲେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଓ ପ୍ରତିଶ୍ରୁତି କୁ ପାଳନ କରିବାରେ ସୋନପୁର ପୌର ପରିଷଦ ବେଖାତିର କରିଥିବା ଜଣା ଯାଇଛି । ସାମାନ୍ୟ ଲାଇଟ୍ ସମସ୍ୟା ସମାଧାନ ତ ଦୂର କଥା ଏହି ଗୋଶାଳା କୁ ଯାତାୟତ କରିବାକୁ ରାସ୍ତା ଟିକିଏ ମରାମତି ହୋଇ ପାରିନି । ଲଗାତାର ବର୍ଷା ରେ ଆଣ୍ଠୁଏ ପାଣି ସହ କାଦୁଅ ଯୋଗୁଁ ପ୍ରଶାସନ ପବ୍ଲିକ ତ ଦୂର ର କଥା ଦାୟିତ୍ୱ ରେ ଥିବା ଖୋଦ୍ ଏହାର କେୟାର ଟେକର ଓ ସହଯୋଗୀ ମାନେ ମଧ ଯିବା ଆସିବା କଷ୍ଟକର ହୋଇ ପଡୁଛି ।

# କାଦୁଅରେ ଯାତାୟାତ କରୁଛନ୍ତି ଗୋଜିଆପଡାବାସୀ

ମୁଖୀଗୁଡା, ୧୨/୦୭ (ନି.ପ୍ର): ସାମାନ୍ୟ ବର୍ଷା ହେଲେ ରାସ୍ତାରେ କାଦୁଅ ଯୋଗୁଁ ଘରୁ କୁଆଡେ ଯାଇ ହୁଏ ନାହିଁ ଛୋଟ ଛୋଟ ପିଲା ସ୍କୁଲ ଯିବା ଯିବା କଷ୍ଟ ହୋଇପଡେ । ରାସ୍ତା ମରାମତି ପାଇଁ ସରପଂଚ ଠାରୁ ସାଂସଦ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିଲା ନାହିଁ ଗୋଜିଆପଡା ବାସୀଙ୍କୁ । କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ ରାଣୀବାହାଲ ଗୋଜିଆପଡାର ରାସ୍ତା ବର୍ଷାହେଲେ ଯିବା ଆସିବା କରିବା ବହୁତ କଷ୍ଟ । ଖାଲି ପାଦ ବ୍ୟତୀତ ଅନ୍ୟ ଉପାୟ ନାହିଁ । ବସନ୍ତ ପଣ୍ଡା ନିର୍ବାଚନ ଜିତିବା ପରେ ତାଙ୍କ ଜୟପାଟଣା ପ୍ରଥମ ଗସ୍ତରେ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଲିଖିତ ଭାବେ ଦେଇଥିଲେ ହେଲେ ସେ ଭୁଲିଗଲେ, ଲୋକଙ୍କ ବିଶ୍ୱାସ ଥିଲା ସାଂସଦ କିଛି ପଦକ୍ଷେପ ନେବେ । ମଙ୍ଗଳପୁର ସରପଂଚଙ୍କୁ ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି ପାଇଁ ପଡାବାସୀ ଜଣାଇଲେ ପ୍ରପୋଜାଲ ଯାଇଛି ଜୁନ୧୫ ଭିତରେ କାମ ହେବ ବୋଲି ପ୍ରତିଶ୍ରୁତି ଦେଲେ, ହେଲେ କିଛି କାମ ହେଲା ନାହିଁ ବରଂ କାଦୁଅରେ ଯିବା ଆସିବା ହିଁ ସାର ହେଲା । ଜୁନ ମାସରେ ବର୍ଷା ଯୋଗୁଁ କେତେକ ଚାଷୀ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ନେବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାସ୍ତାରେ କାଦୁଅ ଯୋଗୁଁ ପଂଚାୟତ କାର୍ଯ୍ୟାଳୟ କିମ୍ବା ଡାକ୍ତରଖାନା ଯିବାକୁ ଲୋକେ ଇଚ୍ଛା କରୁନାହାନ୍ତି । ଘର ନିର୍ମାଣ ସାମଗ୍ରୀ ଆସିପାରୁ ନଥିବାରୁ ଜେମା ସାହୁ ଘର ତିଆରି କାମ ସମ୍ପୂର୍ଣ୍ଣ କରିପାରୁ ନାହାନ୍ତି । ଏପଟେ ଗୋଜିଆପଡା -ମୁଣ୍ଡରଗୁଡା ରାସ୍ତାରେ ମଧ ବର୍ଷାଦିନେ ଯିବା ଆସିବା କରିହୁଏ ନାହିଁ । ବର୍ଷା ଦିନେ ଗୋଜିଆପଡାବାସୀଙ୍କ ଦୁଃଖ ବଢି ଯାଉଥିବା ବେଳେ ତୁରନ୍ତ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ବନମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ

ବଲାଙ୍ଗିର, ୧୨/୦୭ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ବନୋମହୋତ୍ସବ ଉପଲକ୍ଷେ ପ୍ରସ୍ତାବିତ ଭଗବାନ ପର୍ଶୁରାମ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ବନ ବିଭାଗ ସହଯୋଗରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଓ ବନ ବିଭାଗ (କେନ୍ଦୁପତ୍ର) ଉପବନ ଅଧିକାରୀ କେଶବ ନାଏକ, ବନପାଳ କାର୍ତ୍ତିକ ଚନ୍ଦ୍ର ସୁଆର ଓ ବ୍ୟାସଦେବ ସାହୁ ଉପସ୍ଥିତ ଥିଲେ । ନଗର ସଭାପତି ତଥା ରାଜ୍ୟ ପର୍ଶୁରାମ ବାହିନୀର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବ୍ରାହ୍ମଣ ସମାଜର କୋଷାଧକ୍ଷ ପର୍ଶୁରାମ ନାୟକ, ଜିଲ୍ଲା ବ୍ରାହ୍ମଣ ମହାସଭା ସମ୍ପାଦକ ଜୟରାମ ମିଶ୍ର, ସୁଧିର ତ୍ରିପାଠି, ଜଗଦିଶ ନାଥ ଓ ରାକେଶ ପଣ୍ଡା ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । ଏହି ମହାନ କାର୍ଯ୍ୟକ୍ରମରେ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତ୍ତମ ପଣ୍ଡା, ଦାମୋଦର ଓତା, ଶ୍ୟାମ ସୁନ୍ଦର ଦାଶ, ସଂଗଠନ ସମ୍ପାଦକ କିଶୋର ପୁରୋହିତ, ନଗର ସମ୍ପାଦକ ସଂକିର୍ତ୍ତନ ତ୍ରିପାଠି, ଶକ୍ତି ବାହିନୀ ମୁଖ୍ୟ କସ୍ତୁରୀ ରଥ, ବରିଷ୍ଠ ସଦସ୍ୟ ଶ୍ରୀକର ମିଶ୍ର, ଲୋକନାଥ ନେପାକ, ଶିବ ଶଙ୍କର ଖୁଆସ, ଅଶୋକ ପାଣ୍ଡିଆ, ପଣ୍ଡିତ ସନ୍ତୋଷ ପଣ୍ଡା, ସନ୍ତୋଷ ଶତପଥି, ନିଳାଚଳ ହୋତା, ସୁଧିର ଚାନ୍ଦ, ଇଂ. କିଶୋର ମିଶ୍ର, ଦିବାକର ହୋତା, ମଧୁ ନାୟକ, ବିରଂଚି ମିଶ୍ର, ବସନ୍ତ ଆଚାର୍ଯ୍ୟ, ସିଦ୍ଧେଶ୍ୱର ପାଣିଗ୍ରାହୀ, ବିଧୁ ଭୂଷଣ ତ୍ରିପାଠି, ବିନୟ ପୁଜାରୀ, ଶିବ ନାରାୟଣ ରଥ, କୃପାସିନ୍ଧୁ ମିଶ୍ର, ରାଜେନ୍ଦ୍ର ମିଶ୍ର, ରାମ ଶଙ୍କର ଶତପଥି, ସୁରେଶ ମିଶ୍ର, ଆନନ୍ଦ ଖୁଆସ, ଆର୍ତତ୍ରାଣ ଠାକୁର, ଗଙ୍ଗା ଚାନ୍ଦ, ପ୍ରଦୀପ ଗୁରୁ, ସନ୍ତୋଷ ନନନ୍ଦ, ଗିରିଶ ପଣ୍ଡା, କାହ୍ନା ଶତପଥି, ବିଘ୍ନରାଜ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ତିର୍ଥବାସୀ ମିଶ୍ର ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏପରି ସାମାଜିକ ଓ ବନିକରଣ କାର୍ଯ୍ୟକୁ ବୁଦ୍ଧିଜିବୀ ଓ ସାଧାରଣ ଜନତା ଭୟସୀ ପ୍ରଶଂସା କରିଥିଲେ ।

## କେନ୍ଦୁଝରଗଡର ବିଭିନ୍ନ ସ୍ଥାନରେ ମଶା ଆତଙ୍କ

କେନ୍ଦୁଝର, ୧୨/୦୭ (ନି.ପ୍ର): ଦୀର୍ଘ କିଛି ଦିନ ହେବ ସହରରେ ବର୍ଷା ଛାଡ଼ିବାର ନା ନେଉନାହିଁ । ଏହା ଫଳରେ ସହରର ବିଭିନ୍ନ ଗଳି କନ୍ଦିରେ ପାଣି ଜମି ରହିଛି । ଫଳରେ ମଶାମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ରୋକିବାକୁ ପୌରପାଳିକା ନିରୁପାୟ ହୋଇ ପଡିଥିବା ଅଭିଯୋଗ ହେଉଛି । ପୌରପାଳିକା ପକ୍ଷରୁ ପ୍ରାୟତଃ ବିଭିନ୍ନ ୱାର୍ଡରେ ମଶା ତେଲ ହେଉକି ମଶା ଧୂଆଁ ଦିଆ ଯାଉନାହିଁ । ଏପରିକି ନାଳ ନର୍ଦ୍ଦମା ଗୁଡିକରେ ବ୍ଲିଚିଂ ମଧ୍ଯ ପକା ଯାଇନଥିବା ଅଭିଯୋଗ ହେଉଛି । ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସ୍ୱଚ୍ଛ ସାଥୀ ମାନଙ୍କୁ ମାସତେଲ ଦିଆ ଯାଇଥିବା ବେଳେ ଗୋଟେ ମଶା ଧୂଆଁ ଗାଡି ବୁଲୁଥିବା ପ୍ରକାଶ କରିଛନ୍ତି ।

# ଦିନିକିଆ ଜାତୀୟ ଡିଜିଟାଲ ପାଠାଗାର କର୍ମଶାଳା

ସମ୍ବଲପୁର, ୧୨/୦୭ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ପ୍ରତିଷ୍ଠାନ ଆଇଆଇଏମ ସମ୍ବଲପୁର ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆ (ଏନ୍‌ଡିଏଲ୍‌ଆଇ) ଏବଂ ଆଇଆଇଟି ଖଡ଼ଗପୁର ସହ ମିଳିତ ସହଯୋଗରେ "ଏନ୍‌ଡିଏଲ୍‌ଆଇ ଅନ୍ୱେଷଣ : ଲାଇବ୍ରେରିଆନମାନଙ୍କୁ ଡିଜିଟାଲ ଜ୍ଞାନର ସାମର୍ଥ୍ୟ ସହିତ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଏକ ଦିନିକିଆ ଜାତୀୟ ଡିଜିଟାଲ ପାଠାଗାର କର୍ମଶାଳା ଆୟୋଜନ କରାଯାଇଛି । ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ସମସ୍ତ ପ୍ରାନ୍ତରୁ ଆସିଥିବା ପାଠାଗାର ପେଷାଦାରମାନଙ୍କୁ ସଶକ୍ତ କରିବା । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରଯୋଜିତ ଏବଂ ଆଇଆଇଟି ଖଡ଼ଗପୁର ଦ୍ୱାରା ଡିଜାଇନ୍ କରାଯାଇଥିବା 'ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆ' (ଏନ୍‌ଡିଏଲ୍‌ଆଇ) ଏକ ଏକକ ପ୍ରବେଶ ବିନ୍ଦୁ ଯାହା ବିଭିନ୍ନ ବିଷୟ ଏବଂ ଶିକ୍ଷାଗତ ସ୍ତରରେ ଶିକ୍ଷାଭିତିକ ଉପକରଣକୁ ସୁବିଧାରେ ପ୍ରଦାନ କରୁଛି । ଏନ୍‌ଡିଏଲ୍‌ଆଇ ଅନେକ ଭାରତୀୟ ଭାଷାକୁ ସମର୍ଥନ କରେ ଏବଂ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ଯାହା ସାରା ଦୁନିଆର ଜ୍ଞାନକୁ ସହଜରେ ପହଚାଂଉଛି । ଆଇଆଇଏମ ସମ୍ବଲପୁରର ଲାଇବ୍ରେରୀ ମଧ ଏକ ୨୪/୭ ଘଂଟିଆ ଡିଜିଟାଲ ଜ୍ଞାନ କେନ୍ଦ୍ର, ଯାହା ଏବିଆଇ ଇନଫର୍ମ୍ସ, ଏସିଏମ୍ ଡିଜିଟାଲ ଲାଇବ୍ରେରୀ, ସ୍ପିଙ୍ଗର ନେଚର, ସ୍କୋପସ୍, ବ୍ଲୁମବର୍ଗ ଓ କ୍ୟାପିଟାଲ୍ ଆଇକ୍ୟୁ ଭଳି ଆଧୁନିକ ଡିଜିଟାଲ ସମ୍ବଳ ସହିତ ହଜାର ହଜାର ପୁସ୍ତକ, ଜର୍ଣ୍ଣାଲ ଏବଂ ଗବେଷଣା ଡାଟାବେସକୁ ପ୍ରଦାନ କରୁଛି । ଏହି ଉଭୟ ପ୍ଲାଟଫର୍ମ ମିଶି ଆଇଆଇଏମ ସମ୍ବଲପୁରର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚମତ୍କାର, ପ୍ରଯୁକ୍ତି-ଆଧାରିତ ଶିକ୍ଷା ଏବଂ ଗବେଷଣା ପରିବେଶ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର (ଡ଼କ୍ଟର) ମହାଦେବ ଜୟସ୍ୱାଲ; ସମ୍ମାନିତ ଅତିଥି ଭାବରେ ଆଇଆଇଏମ ସମ୍ବଲପୁରର ପାଠାଗାର କମିଟି ଅଧକ୍ଷ ପ୍ରଫେସର (ଡ଼କ୍ଟର) ରାମକୃଷ୍ଣ ପାଢ଼ୀ; ଆୟୋଜନ ମୁଖ୍ୟ ଭାବରେ ଆଇଆଇଏମ ସମ୍ବଲପୁରର ଲାଇବ୍ରେରିଆନ୍ ଡ଼କ୍ଟର ଏସ. କନ୍ନନ; ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ ଇଣ୍ଡିଆର ଯୁଗ୍ମ ପ୍ରମୁଖ ଇନଭେଷ୍ଟିଗେଟର ଓ ଆଇଆଇଟି ଖଡ଼ଗପୁରର ସେଂଟ୍ରାଲ ଲାଇବ୍ରେରୀର ଲାଇବ୍ରେରିଆନ୍ ଡ଼କ୍ଟର ବି. ସୁତ୍ରଧାର; ରିସୋର୍ସ ପର୍ସନ ଭାବେ ଏନ୍‌ଡିଏଲ୍‌ଆଇ କ୍ଲବ୍‌ର ଆଉଟ୍‌ରିଚ୍ ମ୍ୟାନେଜର ଦୁବେନ୍ଦୁ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶାର ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରୁ ଆସିଥିବା ୧୦୦ରୁ ଅଧିକ ପାଠାଗାର ପେଷାଦାରମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଉଦ୍‌ଘାଟନୀ ଅଭିଭାଷଣରେ କହିଥିଲେ ଯେ, "ଡିଜିଟାଲ ଜ୍ଞାନର ମୁକ୍ତ ପ୍ରବେଶ ସର୍ବସାଧାରଣ ଶିକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ । ଆଜିର ଡିଜିଟାଲ ଯୁଗରେ ଗବେଷଣା ପ୍ରକାଶନ, କେସ୍ ଷ୍ଟଡି ଏବଂ ଡାଟାବେସ୍ ପ୍ରାୟତଃ ଅଧିକ ମୂଲ୍ୟରେ ଉପଲବ୍ଧ ହୋଇଥାଏ ଯାହା ଭାରତ ଭଳି ଦେଶରେ ଅନେକ ପ୍ରତିଷ୍ଠାନ ପାଇଁ ସୁବିଧାଜନକ ହୋଇପାରିନାହିଁ । ଫଳସ୍ୱରୂପ, ମୂଲ୍ୟବାନ ଜ୍ଞାନ କେବଳ କେତେକ ପ୍ରତିଷ୍ଠିତ ପ୍ରତିଷ୍ଠାନ ପାଇଁ ସୀମିତ ରହିଯାଇଛି । ମୁଁ ଏହି ମୁକ୍ତ ପ୍ରବେଶ ପ୍ରୟାସକୁ ସମର୍ଥନ କରୁଛି, ବୁଦ୍ଧିଜୀବୀ ସମ୍ବଳଗୁଡ଼ିକ ଏକ ନିରବଚ୍ଛିନ୍ନ ଆଧାରରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ସୁଯୋଗ ନିଶ୍ଚିତ କରିବା ଉଚିତ୍ । ଆମେ ହୃଦୟରୁ ଏହି ପ୍ରୟାସକୁ ସମର୍ଥନ କରୁଛୁ । ଆଇଆଇଏମ ସମ୍ବଲପୁର ଶୀଘ୍ର ଗ୍ଲୋବାଲ୍ କେସ୍ କ୍ୟାପାବିଲିଟି ସେଂଟର (ଜିସିସିସି) ଆରମ୍ଭ କରିବାକୁ ଯାଉଛି ଯାହା ବିଶ୍ୱର ବିଭିନ୍ନ କେସ୍ ଷ୍ଟଡି ଏବଂ ଗବେଷଣାକୁ ମାଗଣାରେ, ଏଆଇ-ସମର୍ଥନ ପ୍ରଦାନ କରିବ । ଯାହାଦ୍ୱାରା ଜ୍ଞାନ ଆଉ କେବଳ ପ୍ରତିଷ୍ଠିତ ପ୍ରତିଷ୍ଠାନ ପାଇଁ ସୀମିତ ରହିବ ନାହିଁ ।

# ଶିଶୁ ବିଭାଗରେ ଗଣ୍ଡଗୋଳ ନେଇ ଥାନାରେ ମାମଲା

ଜୟପୁର, ୧୨/୦୭ (ନି.ପ୍ର): ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିଭାଗ୍ୱାର୍ଡରେ ଗତ ସୋମବାର ରାତି ସାଢେ ୧୧ ଟା ସମୟରେ ୪ଜଣ ଦୁର୍ବୃତ କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାରପିଟ କରିବା ଓ ମହିଳା ନର୍ସଙ୍କୁ ଦୁଃବ୍ୟବହାର କରିଥିବା ନେଇ ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ପରେ ସଦର ପୁଲିସ ସିସିଟିଭି ଯାଂଚ କରି ଦୁର୍ବୃତ ମାନଙ୍କୁ ଚିହ୍ନଟ କରିବ ବୋଲି ସଦର ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁଯାୟୀ ଗତ ସୋମବାର ରାତି ସାଢେ ୧୧ଟା ସମୟରେ ଜଣେ ନାବାଳିକା ରୋଗୀ ଚିକିତ୍ସାଳୟକୁ ଆସିଥିଲେ । ଏହିପରି ଉପସ୍ଥିତ ନର୍ସ ମାନେ ସଂପୃକ୍ତା ନାବାଳିକା ରୋଗୀକୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସାଲାଇନ ପ୍ରଦାନ କରିଥିଲେ । ହଠାତ ଜଣେ ଯୁବକ ମାତାଲ ଅବସ୍ଥାରେ ପହଁଚି ନାବାଳିକାଙ୍କ ସାଲାଇନ ବାହାର କରିବାକୁ ଲାଗିଥିଲା । ଏହିପରି ସୁରକ୍ଷାକର୍ମୀ ଦୁର୍ବୃତକୁ ଅଟକାଇ ବାହାରକୁ ଯିବାକୁ କହିଥିଲେ । ଦୁର୍ବୃତ ଜଣକୁ ବାହାରକୁ ଯାଇ ଅନ୍ୟ ୩ଜଣ ଦୁର୍ବୃତଙ୍କୁ ଡାକିଆଣିଥିଲେ । ୪ଜଣ ଦୁର୍ବୃତ ଡାକ୍ତରଖାନାରେ ଥିବା ନର୍ସ ଏବଂ ପିତବାସ ଚାଲାଣ ନାମକ ଜଣେ ୪ର୍ଥ ଶ୍ରେଣୀ କର୍ମଚାରିଙ୍କୁ ମାଡ ମାରିଥିଲେ । ସେଠାରେ ଦାୟୀତ୍ୱରେ ଥିବା ୩ଜଣ ନର୍ସଙ୍କୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଥିନେଇ କର୍ମଚାରୀ ମାନେ ନିଜର ସୁରକ୍ଷା ପାଇଁ ଗତ ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇବା ପରେ ଅଧିକ୍ଷକ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି ।

# ମାଲକାନଗିରି ପୌର ପରିଷଦ ସହିଦ ନର୍ସିଂ ଡମ ସମାଜ ଗଠନ

ମାଲକାନଗିରି, ୧୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସହିଦ ନର୍ସିଂ ଡମ ସମାଜର ସଭାପତି, ଉପଦେଷ୍ଟା ପର୍ଶୁରାମ ଭକ୍ତ ଏବଂ ଡମ୍ବରୁ ବାଗଙ୍କ ମାର୍ଗଦର୍ଶନରେ ମାଲକାନଗିରି ପୌର ପରିଷଦ ସହିଦ ନର୍ସିଂ ଡମ ସମାଜ ଗଠନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା କୋର କମିଟି ସଦସ୍ୟା କୁମାରୀ ଭବାନୀ, କଣ୍ଟେଶ୍ୱର ପାଟ ଲା, ସର୍ବ କୁମାର ବିଶୋଇ, ସୁଭାଷ ବିଶୋଇ, ସୁଭାଷ ଦଳେଇ, ଶଙ୍କର କ୍ଷିତି, ଶଙ୍କର ପାଣିଗ୍ରାହୀ, ସୁଧୀର କାର୍ତ୍ତିକ, ବସନ୍ତ ନାୟକ, ପ୍ରଫେସର ଚିନ୍ମୟ ମହା ନନ୍ଦଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ । ନୂତନ ଭାବେ ଚୟନ ହୋଇଥିବା ପୌର ପରିଷଦର କର୍ମକର୍ତ୍ତା ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖି କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ଏହି ଅବସରରେ ସହିଦ ନର୍ସିଂ ଡମ ସମାଜର ମାଲକାନଗିରି ପୌରାଞ୍ଚଳ ସଭାପତି ଭାବେ ଟୁନା ଗରଡ଼ା ମନୋନୀତ ହୋଇଥିଲେ । ସେହିପରି ସମ୍ପାଦକ ଭାବେ ଭଗବାନ ହରିଜନ, ଉପସଭାପତି ଭାବେ ରାମ କୁମାର, ଗଣେଶ ନିଆଲ, ସରୋଜ ଦଳେଇ, କୁଶ ନାଗ, ସୋମନାଥ ସଗଡ଼ିଆ ଏବଂ କୋଷାଧକ୍ଷ ଭାବେ କାଳିଦାସ ସଗଡ଼ିଆ ମନୋନୀତ ହୋଇଥିଲେ ।

# ଦୁଇ ବର୍ଷ ଗଲା ନାହିଁ : ଭୁଷୁଡ଼ିଲା ସ୍କୁଲ ପାଚେରୀ

ଚମ୍ପୁଆ, ୧୨/୦୭ (ନି.ପ୍ର): ବିଦ୍ୟାଳୟ ଗୁଡିକରେ ଛାତ୍ର ଛାତ୍ରୀ ମାନଙ୍କୁ ଉନ୍ନତ ମାନର ଭିତିଭୂମିରେ ଶିକ୍ଷାଦାନ ଯୋଗାଇ ଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଠିକାଦାର ଓ ଅଧିକାରୀଙ୍କ ସଲା ସୁତୁରାରେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଛାତ୍ର ଛାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେବି ଉଚ୍ଚ ବିଦ୍ୟାଳୟରେ । ୫ ଟି ଯୋଜନାରେ ଗତ ଦୁଇ ବର୍ଷ ତଳେ ନିର୍ମାଣ ହୋଇଥିବା ବିଦ୍ୟାଳୟ ପାଚେରୀ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଭୁଶୁଡ଼ି ପଡ଼ିଛି । ଲକ୍ଷାଧିକ ଟଙ୍କା ଅନୁଦାନ ରେ ବିଦ୍ୟାଳୟର ପାଚେରୀ ନିର୍ମାଣ କରା ଯାଇଥିଲା । ମାତ୍ର ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏତେ ନିମ୍ନ ମାନର କାମ ହୋଇଥିଲା ଯେ ଦୁଇ ବର୍ଷ ନ ଯାଉଣୁ ବିଦ୍ୟାଳୟର ଗୋଟିଏ ପାର୍ଶ୍ୱ ପାଚେରୀ ପାଖାପାଖି ଶହେ ଫୁଟ୍ ଯାଏଁ ଭୁଶୁଡ଼ି ପଡ଼ିଛି । ସେହି ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ମାନେ ଅଘଟଣରୁ ଅଳ୍ପକେ ବର୍ତିଯାଇଛନ୍ତି । ଯାହା ବିଭାଗୀୟ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଏହାକୁ ନେଇ ଭଣ୍ଡା ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଭିତିରି ବୁଝାମଣାରେ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଅଭିଯୋଗ ଆଣିବା ସହିତ ଏହା ଉପରେ ଜିଲ୍ଲା ପ୍ରଶାସନ ବିଧିବଦ୍ଧ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଜୁଲାଇ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୦୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଛନକା ପଶିଲା ଦେବୀ ତପସ୍ୱିନୀଙ୍କ ଛାତିରେ । ସୁଧାମୟୀଙ୍କୁ ପାଖକୁ ଡାକି ସେ ପଚାରିଥିଲେ, ଦେବୀ ସୁଧାମୟୀ କୁଶ, ଲବ କେତେବେଳେ ରାମାୟଣ ଗାନ କରିବେ ?

ଦେବୀ ସୀତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପ୍ରୀତିଦା କହିଥିଲା, ଦେବୀ ମହର୍ଷି କହିଛନ୍ତି ଏବେ କୁଶ ଲବ ଯାଇ ଯଜ୍ଞାନୁଷ୍ଠାନରେ ଭାଗ ନେବେ । ଆପଣଙ୍କୁ ସେ ସ୍ଥାନକୁ ଯିବାପାଇଁ ମହର୍ଷି ଆଦେଶ ଦେଇଛନ୍ତି । ବହୁ ବିଶିଷ୍ଟ ମୁନି ଋଷି ମାନଙ୍କୁ ସେ ଆଜି ଆଶ୍ରମକୁ ଆମନ୍ତ୍ରଣ କରିଛନ୍ତି। ଯଜ୍ଞାନୁଷ୍ଠାନ ପରେ କୁଶ ଲବ ଶସ୍ତ୍ରବିଦ୍ୟାର କିଛି ପରୀକ୍ଷା ଦେବେ । ଏହାପରେ ସନ୍ଧ୍ୟା ସମୟକୁ ସମସ୍ତ ଆମନ୍ତ୍ରିତ ଅତିଥିଙ୍କ ସମ୍ମୁଖରେ ସେ ରାମାୟଣ ପରିବେଷଣ କରିବେ ।

ଆହୁରି ଭୟଭୀତ ହୋଇପଡ଼ିଲେ ଦେବୀ ଜାନକୀ । ବିଶ୍ୱାମିତ୍ର, ବଶିଷ୍ଠ ଆଦି ଶ୍ରେଷ୍ଠ ମୁନିଋଷିଙ୍କୁ ଆଜି ମହର୍ଷି ଆମନ୍ତ୍ରିତ କରିଥିବେ । ସେମାନଙ୍କ ସମ୍ମୁଖକୁ ସୀତା ଯାଇ ତାଙ୍କୁ ପ୍ରଣାମ କଲେ, ସେମାନେ ଯଦି ତାଙ୍କୁ ଚିହ୍ନି ପକାଇବେ ତାହେଲେ... । ନା ସୁଧାମୟୀ, ପ୍ରୀତିଦା ତୁମେ ଯାଇ ପିତା ବାଲ୍ମିକୀଙ୍କୁ କହିଦିଅ ମୁଁ ସେ କାର୍ଯ୍ୟରେ ଯୋଗଦାନ କରିପାରିବି ନାହିଁ ।

କାହିଁକି ପାରିବୁ ନାହିଁ ମା ସୀତା ? ତୁ କ'ଣ ଭାବିଛୁ ସେ ସ୍ଥାନକୁ ନଯାଇ ମହର୍ଷିଙ୍କୁ ଅପମାନିତ କରିବୁ ?

ମା ଅନୁକମ୍ପା ଆପଣ

ହଁ ମା ସୀତା । ତୁ ମନରେ କିଛି ଚିନ୍ତା କରନାହିଁ । ତୁ ତପସ୍ୱିନୀ ସୀତା । ଅଯୋଧ୍ୟା ରାଜବଧୂ ସୀତାର ମୃତ୍ୟୁ ଘଟିଛି । ସେ ପିଣ୍ଡରୁ ଜନ୍ମ ନେଇଛି ମହର୍ଷି ବାଲ୍ମିକୀଙ୍କ ସନ୍ନ୍ୟାସିନୀ କନ୍ୟା ତପସ୍ୱିନୀ । ପ୍ରୀତିଦା, ସୁଧାମୟୀ ତୋତେ ଏମିତି ତପସ୍ୱିନୀ ବେଶରେ ସଜାଇ ଦେବେ ଯେ, ତୋତେ କେହି ଜାଣିପାରିବେ ନାହିଁ । ସୁଧାମୟୀ ପ୍ରୀତିଦା ତୁମେମାନେ ସୀତାଙ୍କୁ ସନ୍ନ୍ୟାସିନୀର ବେଶରେ ସଜାଇ ଦେଇ ଯଜ୍ଞ ମଣ୍ଡପ ନିକଟକୁ ନେଇଆସ । ମହର୍ଷି ତେଣେ ଅସ୍ଥିର ହୋଇ ପଡୁଥିବେ । ମୁଁ କୁଶ, ଲବଙ୍କୁ ନେଇ ଯାଉଛି । ତୁମେ କାଳକ୍ଷେପଣ ନକରି ସୀତାଙ୍କୁ ନେଇଆସ।

ସୀତାଙ୍କୁ ସଚେତନ କରାଇଦେଇ, କୁଶ ଲବଙ୍କୁ ନେଇ ବୃଦ୍ଧା ତପସ୍ୱିନୀ ଅନୁକମ୍ପା ଚାଲି ଯାଇଥିଲେ । ଚିତ୍ରିତ ଖମ୍ଭଟିଏ ପରି ଛିଡ଼ା ହୋଇଛନ୍ତି ଦେବୀ ବୈଦେହୀ । ଆଖିରୁ ଝରଝର ହୋଇ ଝରି ପଡୁଛି ଜଳବିନ୍ଦୁ । ତାଙ୍କୁ ଏପରି ଅବସ୍ଥାରେ ଦେଖି ସୁଧାମୟୀ ପାଖକୁ ଆସି ତାଙ୍କ ଚକ୍ଷୁରୁ ଜଳବିନ୍ଦୁକୁ ପୋଛି ଦେଇ କହିଥିଲେ, "ଦେବୀ ସତରେ କ'ଣ ବିଧାତା ତୁମ ଚକ୍ଷୁରେ ଅଷ୍ଟମ ସାଗରଟିଏ ସୃଷ୍ଟି କରିଛନ୍ତି କି ? ଏ ଆଶ୍ରମରେ ପାଦ ଦେବା ଠାରୁ ଆଜକୁ ଦଶବର୍ଷ ବିତିବାକୁ ବସିଲାଣି, ଆମେ ଦିନେ ହେଲେ ଗୋଟାଏ ମୁହୂର୍ତ୍ତ ଏ ଚକ୍ଷୁରୁ ଅଶ୍ରୁ ଝରୁ ନଥିବାର ଦେଖି ନାହୁଁ । ଯଦି, ଚକ୍ଷୁର ଜଳକୁ ନଷ୍ଟ ନକରି ଧାର ଆକାରରେ ବୁହାଇ ଦିଆଯାଇଥାନ୍ତା, ତାହେଲେ ଏ ଆର୍ଯ୍ୟାବର୍ତ୍ତରେ ଆଉ ଏକ ଗଂଗାନଦୀ ସୃଷ୍ଟି ହୋଇ ସାରନ୍ତାଣି । ଆପଣ ପଣ୍ଡିତା । ଆପଣଙ୍କୁ ଆମେ ଅଧିକ କ'ଣ ଆଉ ବୁଝାଇବୁ । ଆପଣଙ୍କ ଚକ୍ଷୁର ଏ ଅଶ୍ରୁ ଆପଣଙ୍କ ସ୍ୱାମୀ ସନ୍ତାନଙ୍କ ପାଇଁ ଅହିତକର ଜାଣି ମଧ ଆପଣ ସବୁବେଳେ ଅଶ୍ରୁ ଢାଳୁଛନ୍ତି କାହିଁକି ?"

ସୁଧାମୟୀଙ୍କ ସୁଧାଜିଣା ବାଣୀ ଶୁଣି ସୀତାଦେବୀଙ୍କର ମନର କୋହ ବଢ଼ି ଯାଇଥିଲା। ପ୍ରୀତିଦା ସହିତ ସୁଧାମୟୀଙ୍କୁ କୁଣ୍ଢାଇଧରି ସେ କହିଥିଲେ କ'ଣ ଆଉ କରିଥାନ୍ତି କହ ସୁଧାମୟୀ। ମୋ ଆଖିରୁ ଯଦି ଅଶ୍ରୁ ଝରୁ ନଥାନ୍ତା ତାହେଲେ କେଉଁଦିନରୁ ମୁଁ ମରି ସାରନ୍ତିଣି । ଏ ଲୁହ ପାଇଁ ମୁଁ ବଞ୍ଚିଛି । ଏହି ଲୁହ ହିଁ ମୋତେ ଦୀର୍ଘଜୀବୀ କରିଛି । ମୋତେ ସନ୍ତାନ ସୁଖ ଦେଖିବାପାଇଁ ବଞ୍ଚାଇ ରଖିଛି ।

ଦେବୀ ! ଆଶ୍ଚର୍ଯ୍ୟ ହୋଇଯାଇଥିଲେ ପ୍ରୀତିଦା, ସୁଧାମୟୀ । ଆପଣ ଏ କ'ଣ କହୁଛନ୍ତି।

ସତ କହୁଛି ପ୍ରୀତିଦା । ମୋ ଗର୍ଭରେ ଯଦି ଲବକୁଶ ବଢୁନଥାନ୍ତେ, ତାହେଲେ ଯେଉଁଦିନ ମୋ ସ୍ୱାମୀଙ୍କ ଆଜ୍ଞା ଘେନି ଲକ୍ଷ୍ମଣ ମୋତେ ବିସର୍ଜନ ଦେଇ ଯାଇଥିଲେ, ସେହିଦିନ ମା' ଗଂଗାରେ ମୁଁ ବିସର୍ଜିତ ହୋଇ ଯାଇଥାନ୍ତି । ମୋ ଗର୍ଭରେ ବଢୁଥିବା ରଘୁବଂଶର ଭବିଷ୍ୟତ ଦାୟାଦ ଆଉ ମୋ ଚକ୍ଷୁର ଅଶ୍ରୁଜଳ ମୋତେ ବଞ୍ଚାଇ ରଖିଲା । ଲବକୁଶ ଭୂମିଷ୍ଠ ହେବାପରେ ତାଙ୍କ ମୁହଁକୁ ଅନାଇ ମୁଁ ଆଉ ନିଜକୁ କାଳହସ୍ତରେ ସମର୍ପି ଦେଇପାରିଲି ନାହିଁ । ତାଙ୍କର ନାଲି ଟୁକୁଟୁକୁ ଓଠ, ତାଙ୍କର ଟିକିଟିକି ପାଦ, ପରେପରେ ତାଙ୍କର ଠୁକୁଠୁକୁ ଚାଲି, ମୋ ଅନ୍ତରରେ ହସର ଜୁଆର ସୃଷ୍ଟି କରୁଥିବାବେଳେ, ମୋ ସ୍ୱାମୀଙ୍କ ସ୍ମୃତି ସେ ଜୁଆରରେ ଭଟା ଟାଣି ମୋ ଚକ୍ଷୁରେ ଭରି ଦେଉଥିଲା ଅଶ୍ରୁ । ଏମିତି ଏମିତିରେ ଦଶବର୍ଷ ବିତିଗଲାଣି ସୁଧାମୟୀ । କୁଶ ଲବ ମୋର ପାରି ଉଠିଲେଣି । ସେମାନେ ଦିନେ ନିଶ୍ଚୟ ତାଙ୍କ ପିତୃ ପରିଚୟ ପାଇବେ । ଅଯୋଧ୍ୟା ଫେରିଯିବେ । ତାଙ୍କ ପିତା ତାଙ୍କ ପରିଚୟ ପାଇ ତାଙ୍କୁ କୋଳେଇ ନେବେ । ହେଲେ ମୁଁ କ'ଣ କରିବି ପ୍ରୀତିଦା ? ମୁଁ ମାଟି ମାଆର କନ୍ୟା, ମାଟି ହୋଇ ବଞ୍ଚିଛି, ପୁଣି ସେହି ମାଟିରେ ମିଶିଯିବି ।

ଦେବୀ ଆଜି ଭଳି ଏହି ଶୁଭଦିନରେ ଆପଣ ସେ ଅଶୁଭ କଥାଗୁଡ଼ାକ ତୁଣ୍ଡରେ ଧରନ୍ତୁ ନାହିଁ । କୁଶ ଲବଙ୍କର ଆଜି ଜନ୍ମଦିନ । ସମଗ୍ର ଆଶ୍ରମରେ ଆଜି ଆନନ୍ଦର ଲହରୀ । ଦିବସରେ ଯଜ୍ଞାନୁଷ୍ଠାନ, ପୂଜା, ପାଠ, ମିଷ୍ଟାନ୍ନ ଭୋଜନ। ସନ୍ଧ୍ୟାକୁ ନୃତ୍ୟ ସଂଗୀତର ଆସର। ନିଜେ ମହର୍ଷି ବାଲ୍ମିକୀ ଏସବୁର ଆୟୋଜନ କରିଛନ୍ତି। ଆପଣ କୁଶ ଲବଙ୍କର ମା' ହୋଇ ଏମିତି ଭାଂଗିପଡ଼ିଲେ ଆମେମାନେ ଉତ୍ସବ ମନାଇବୁ କେମିତି ? ଆପଣ ଚାଲନ୍ତୁ । ଆଉ କାଳବିଳମ୍ବ କରନ୍ତୁ ନାହିଁ । ଚକ୍ଷୁରୁ ଅଶ୍ରୁ ପୋଛି ଦିଅନ୍ତୁ । ଆମେ ଆପଣଙ୍କୁ ତପସ୍ୱିନୀ ବେଶରେ ସଜାଇ ଦେଇ ଯଜ୍ଞମଣ୍ଡପ ପାଖକୁ ନେଇଯିବୁ ।

ସୀତାଙ୍କ ହସ୍ତଧରି ପ୍ରୀତିଦା, ସୁଧାମୟୀ କୁଟୀର ଭିତରକୁ ନେଇ ଯାଇଥିଲେ । ମୁନିକୁମାରୀମାନେ ପୂର୍ବରୁ ପୁଷ୍ପ ଚୟନ କରି, ମାଳା ଗୁନ୍ଥି ରଖି ଦେଇଥିଲେ । ସମସ୍ତେ ମିଶି ସୀତା ଦେବୀଙ୍କୁ ଫୁଲରେ ଫୁଲରେ ସଜାଇ ଦେଇଥିଲେ ତପସ୍ୱିନୀ ବେଶରେ । ଅପୂର୍ବ ଶୋଭାରେ ବିମଣ୍ଡିତ ହୋଇଥିଲେ ଦେବୀ ଜାନକୀ । ଦର୍ପଣ ନିକଟରେ ତାଙ୍କୁ ଆଣି ସୁଧାମୟୀ ଛିଡ଼ା କରାଇ ଦେବାପରେ ନିଜ ରୂପକୁ ଦେଖି ସେ କହିଥିଲେ ପ୍ରୀତିଦା, ସୁଧାମୟୀ ତୁମମାନଙ୍କର ଏ ତପସ୍ୱିନୀର ରୂପଚର୍ଯ୍ୟାକୁ ଦେଖି ମୁଁ ପ୍ରଶଂସା ନକରି ରହିପାରୁ ନାହିଁ । ଆଶ୍ରମରେ ଦଶବର୍ଷ ମୋର ବିତିଗଲାଣି। କାହିଁ ଦିନେହେଲେ ତୁମେ ମାନେ ମୋତେ ଏପରି ବେଶରେ ସଜାଇ ନଥିଲ । ଦର୍ପଣରେ ଏ ତପସ୍ୱିନୀର ରୂପ ଦେଖି ମୋର ଅନେକ ଦିନ ତଳର ବନବାସର କଥା ମନେପଡ଼ିଯାଉଛି । ଏମିତି ବେଶରେ ମୋ ପ୍ରଭୁ ମୋତେ ସଜାଇ ଦେଉଥିଲେ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଚିନ୍ତନ

# ଦୀକ୍ଷା କାହିଁକି ନେବାକୁ ହୁଏ ?



### ଡା. ଉମେଶ ଚନ୍ଦ୍ର ପାତ୍ର

ଭାରତବର୍ଷରେ ହିନ୍ଦୁଧର୍ମରେ ହିନ୍ଦୁତ୍ୱ ଯେତିକି ପ୍ରାଚୀନ, ଗୁରୁ ପରମ୍ପରାରେ 'ଦୀକ୍ଷା' ବା 'ଗୁରୁଦୀକ୍ଷା' ସେତିକି ପୁରାତନ। ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା, ଯେଉଁ ପ୍ରକ୍ରିୟାରେ ଗୁରୁ ଜଣେ ଭଗବତ ପ୍ରେମୀଙ୍କୁ ନିଜର ଶିଷ୍ୟ ରୂପରେ ଗ୍ରହଣ କରନ୍ତି। ଏହି ଶିଷ୍ୟ ଗ୍ରହଣ ବିଧି ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ଭାବରେ ସଂପନ୍ନ ହୁଏ। ସାଧାରଣତଃ ଏହି ଦୀକ୍ଷା ଗ୍ରହଣକୁ ଏକ ଭଗବତ ଉତ୍ସବ ଭାବେ ବିଚାର କରାଯାଏ। ଏହି ପ୍ରକ୍ରିୟାରେ ଶିଷ୍ୟ ତା'ର ଗୁରୁ ନିର୍ଦ୍ଦେଶିତ ପଥ ଓ ନୀତି, ଆଦର୍ଶ ଆଦିକୁ ଅନୁସରଣ କରିବାକୁ ସମ୍ମତ ହୁଏ। ଗୁରୁ ମଧ ଶିଷ୍ୟର ଦାୟିତ୍ୱ ବହନ କରି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କରିବା ପାଇଁ ତାକୁ ସାଧନ ଭଜନର ସୂତ୍ର ବତାଇ ଦେବାକୁ ସମ୍ମତ ହୁଅନ୍ତି। ଏହି ଦୀକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ନୀତି ଅନୁସୃତ ହୁଏ। ତାକୁ ଦୀକ୍ଷାଉତ୍ସବ କୁହାଯାଏ। ଏହି ଦୀକ୍ଷା ଉଭୟ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଭାଗବତ ସଂପର୍କକୁ ସୁଦୃଢ଼ କରେ।

ଜଣେ ଦାଦା ଏବେ ବି ଦୀକ୍ଷା ନେଇ ନାହାନ୍ତି। ସେହି ସମ୍ପର୍କରେ ସେ କହିଲେ ଆଜି ପର୍ଯ୍ୟନ୍ତ ମୁଁ ସମାଧାନ ପାଇ ନାହିଁ। ତେଣୁ ଜିଜ୍ଞାସା କରୁଛି, ମୋର କରଣୀୟ କ'ଣ ?

ଏହା ଏକ ଆଧ୍ୟାତ୍ମିକ ପ୍ରକ୍ରିୟା, ଯେଉଁ ପ୍ରକ୍ରିୟାରେ ଗୁରୁ ଜଣେ ଭଗବତ ପ୍ରେମୀଙ୍କୁ ନିଜର ଶିଷ୍ୟ ରୂପରେ ଗ୍ରହଣ କରନ୍ତି। ଏହି ଶିଷ୍ୟ ଗ୍ରହଣ ବିଧି ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ଭାବରେ ସଂପନ୍ନ ହୁଏ।

ଶ୍ରୀ ଶ୍ରୀ ଠାକୁର କହିଲେ- ଶୁଣ୍ଡି ଦୋକାନକୁ ଯାଇ ଯଦି ଜିଜ୍ଞାସା କର, ମଦ ଖାଇବି କି ନାହିଁ, ସେ ତ ନିଶ୍ଚୟ କହିବି ଗୋଟିଏ ଗ୍ଲାସ ଖାଅ। ମୁଁ ତ ଜାଣେ ଏହା ହିଁ ହେଲା ମହାମଙ୍ଗଳ। ମୁଁ ପ୍ରତ୍ୟୟଦୀପ୍ତ, ଏହାଛଡ଼ା ପଥ ନାହିଁ। ତେଣୁ ମୋତେ ଜିଜ୍ଞାସା କରି ଲାଭ ନାହିଁ। ତୁମକୁ ସମାଧାନ ଭିତରକୁ ଆସିବାକୁ ହେବ। ନାନା ପ୍ରକାର ପ୍ରବୃତ୍ତି ଆତ୍ମମାନଙ୍କୁ ଅଟକାଇ ରଖେ। ସମାଧାନ କରିବାକୁ ଦିଏ ନାହିଁ। କିନ୍ତୁ ଜୀବନ ତ ଅଟକି ରହେ ନାହିଁ। ସେ ତ ଚାଲିବ ହିଁ। ଏହି ଚାଲିବାଟା ଯେପରି ସୁସ୍ଥ ସୁନ୍ଦର ହୁଏ, ତାହା ହିଁ କରିବା ଦରକାର। ପ୍ରବୃତ୍ତିର କାରଣରୁ ଯେତେ ପ୍ରତିରୋଧ ଆସୁ, ତାକୁ ଜୟକରି ଆଗେଇବା ଦରକାର। କୂଅ ଖୋଳିବା ସମୟରେ କେତେ ପଥର କାଟିବାକୁ ହୁଏ। ଠାକୁର କହନ୍ତି ତାର କାରଣ, ସେ ବୃତ୍ତି ଗୁଡ଼ିକରେ ଠକ୍କର ଦିଅନ୍ତି। ଠକ ଠକ କରି ଲାଗେ। କିନ୍ତୁ ଅନୁରାଗ ନେଇ ତାଙ୍କ ପଥରେ ଚାଲିଲେ ସେ ଗୁଡ଼ିକ ନିୟନ୍ତ୍ରିତ ହୁଏ। ଦୁନିଆର ଯାହା କିଛି ଛାପ ଆତ୍ମ ମାନଙ୍କ ମଥାରେ ଛାପ ପକାଏ। ବହୁ ବିଚ୍ଛିନ୍ନ ଛାପର ସୃଷ୍ଟି ହୋଇ ବିଚ୍ଛିନ୍ନ ଭାବର ସୃଷ୍ଟି କରେ। ସେ ଗୁଡ଼ିକ କେତେ ବାଟରେ ଯେ ଟାଣେ, ତାର ଇୟତ୍ତା ନାହିଁ। ଇଷ୍ଟଙ୍କୁ ଗ୍ରହଣ କଲେ ଏଗୁଡ଼ିକ ପୁନର୍ବିନ୍ୟାସ ହୋଇଥାଏ। ଏହାକୁ କୁହାଯାଏ ଦ୍ୱିଜତ୍ୱ, ଦ୍ୱିତୀୟ ଜନ୍ମ। ବାଇବେଲରେ ପୁନର୍ଜନ୍ମର କଥା ଅଛି। ଆମ୍ଭେମାନେ ଯେ ଶ୍ରେୟଙ୍କୁ ଗ୍ରହଣ କରିବାକୁ ଚାହୁଁନା, ଏହା କିନ୍ତୁ ଗୋଟିଏ ଅରିଷ୍ଟର ଲକ୍ଷଣ। (ଆ:ପ୍ର:୨୧/୧୦.୫.୧୯୫୨)।

ଗୁରୁ ଶିଷ୍ୟକୁ ଯେଉଁ ଦୀକ୍ଷା ଦାନ କରନ୍ତି, ତାହା ବିଭିନ୍ନ ଧର୍ମମତ ଓ ଧର୍ମ ସଂପ୍ରଦାୟ ଯଥା ବୈଷ୍ଣବ, ଶୈବ, ଶାକ୍ତ, ଯୋଗୀ ତାନ୍ତ୍ରିକ ଆଦି ହିନ୍ଦୁ ଧର୍ମାବଲମ୍ବୀମାନେ ଭିନ୍ନ ଭିନ୍ନ ଭାବରେ ସଂପନ୍ନ କରିଥାନ୍ତି। ଅନ୍ୟ ସଦଗୁରୁ ଏବଂ ଗୁରୁମାନେ ନିଜର ଅନୁସୃତ ଧାରା ଅନୁସାରେ ଦୀକ୍ଷା ଦାନ କରିଥାନ୍ତି। ଉଦାହରଣ ସ୍ୱରୂପ ଗୋରଖ ନାଥଙ୍କ ଦୀକ୍ଷାଦାନ ହଠଯୋଗ ସାଧନା ପାଇଁ ଅନୁକୂଳ ହୋଇଥିବା ବେଳେ ଶ୍ରୀ ରାମକୃଷ୍ଣ ପରମହଂସ ତାନ୍ତ୍ରିକ ପଦ୍ଧତିରେ ଦୀକ୍ଷାଦାନ କରୁଥିଲେ। ହିନ୍ଦୁ ଧର୍ମର ପ୍ରତିଷ୍ଠିତ ପରମ୍ପରା ଅନୁସାରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ପବିତ୍ର ଆଧ୍ୟାତ୍ମିକ ସଂପର୍କ ସ୍ଥାପନ ପାଇଁ ଦୀକ୍ଷା ଏକାନ୍ତ ଅପରିହାର୍ଯ୍ୟ।

❤ ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## କବିତା...



### ଅନଂତ ପକ୍ଷୀର ସ୍ତୋତ୍ର
### ନକୁଳ ଚନ୍ଦ୍ର ସାହୁ

ପ୍ରେମ, କବିତା ଓ ଉଲ୍ଲାସ
ସ୍ରଷ୍ଟା ଚେତନାରେ ଗୋଟିଏ ସ୍ଥିତି ବିଶେଷ୍ୟ !

ଏଗୁଡ଼ିକ ଅନଂତ ପକ୍ଷୀର ସ୍ତୋତ୍ର
ପ୍ରଜ୍ଞା ପ୍ରସୁ; ନିରୁତା ପ୍ରତୀକ,
ଅବଚେତନର ଆଗ୍ରହକୁ କିଏ କରି ପାରିବ
ପ୍ରତ୍ୟାଖ୍ୟାତ ?

ଅବ୍ୟକ୍ତ ରସର ଅସ୍ତିତ୍ୱ
ଜୀବନ ପ୍ରକ୍ରିୟାକୁ ଚେତନା କରେ ସହବାସ
ପ୍ରେମର ପୁଷ୍ପ ବିଛେଇଦିଏ ସୌନ୍ଦର୍ଯ୍ୟ ସୁବାସ
ପ୍ରେମ ଆସିଲେ ଆସିଥାଏ କବିତ୍ୱ ଓ ଶିବତ୍ୱ !

ଆସ ଆସ, ଆଉ ଥରେ ଆସ
ଶୁକ ପକ୍ଷୀର ଶ୍ଳୋକ, ମୁଁ ତୁମ ଅସ୍ଥିର ବୌଦ
କେଉଁଠାରୁ କେଉଁଠାକୁ
ବୋହି ଆସିଲାଣି
ଜୀବନର ପଥର ତଳୁ ଆନନ୍ଦ !

ଯେଉଁ ଆନନ୍ଦ ହେତୁ ମୋର ଜନ୍ମ
ଜୀବନର ରଥଯାତ୍ରା ଓ ମୃତ୍ୟୁର ପର୍ବ !

ଆଉ ଥରେ ଆସ ଫଗୁର ସ୍ରୋତ,
ଫଗୁଣର ରସ
ପ୍ରାଣର କଦଂବ ଆଉ ଥରେ ବାସ,
ଉଛୁଳି ପଡୁ ଯମୁନା
ଓ ବନଭୂମିର ପୁଷ୍ପିଲ ହସ !

❤ ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୬୪

### ଦିନେ ନଈ ଥିଲା
### ବୃନ୍ଦାବନ ଦାସ



ସେଠି ବି ଦିନେ ଥିଲା
କେତେ ଜଞ୍ଜାଳଙ୍କ କୋଳାହଳ
କେତେ ସୁକୁମାର ଇଚ୍ଛାଙ୍କ ଧାଁ' ଦୌଡ
ତା' ପ୍ରବାହରେ
କେତେ ତରୁଣ ସ୍ୱପ୍ନଙ୍କ ମହାମେଳି
ଏପାରି ସେପାରି
ପକ୍ଷୀଉଡା ପ୍ରେମରେ ଅସ୍ତବ୍ୟସ୍ତ
କେତେ ନିରୁତା ଉଦବେଗ ।

ସେ ପ୍ରବାହିତ ହେଉଥିଲା
କେବେ କୂଳଛୁଆଁ ଉଚ୍ଛୁଳା ନଈ ତ'
ପୁଣି କେବେ
ଆଖିକୋଣୁ ଶୁଖି ଯାଇଥିବା କ୍ଷୀଣ ଲୁହଧାର ।

କେଉଁ କଳାବତୀର ଆଖି ଅଞ୍ଜନରେ
କଳା ଘୁମର ହୋଇଥିବ ତା' ଦିହ
ଅସ୍ରାଏ ଲୁହରେ
କା'ର ଢେଉ ଛୁଇଁଥିବ ଦୁଇକୂଳ

ସବୁ ତାରାଙ୍କୁ ଗଭାରେ ବାନ୍ଧି ରାତି
ଜଳ ଆଇନାରେ ମୁହଁ ଦେଖୁଥିବା ବେଳେ
ଲୋଟି ପଡିଥିବ ତା' ଛାତିରେ
ବିରହୀ ଆକାଶ ।

ନଈଟିଏ ଥିଲା ସବୁ ଥିଲା
ଦେହ ଜୀବନ ଯୌବନ ଛଳ ଛଳ ଆବେଗ
ନା'ନା' ଶୋଭାଶିରି ମେଞ୍ଚେ ପ୍ରେମ
ଗୋଟେ ପ୍ରାଣସତ୍ତା
ନିଃଶ୍ୱାସରେ ପ୍ରଶ୍ୱାସରେ ଅନୁଭବରେ ।

ଅଭିମାନକୁ ଛାତିରେ ଚାପି
ଓଠ ଲୁହସବୁ ପିଇଗଲା ପରି
ଆଜି ସେଠି ନଈ ନାହିଁ
ପଇଁତରା ମାରୁଛି କେତେ ଅଦୃଶ୍ୟ ଅବସୋସ
ଖାଁ' ଖାଁ' ଗୁଡେ ଅସଂଲଗ୍ନ ଶୂନ୍ୟତା ।

ହଜିଗଲାଣି ସେକାଳ
କ୍ରମେ କ୍ରମେ ଏକ ଇତିହାସ ବି
ଆଜି ଦି' ହାତ ଖୋଳିଦେଲେ ବାଲି
ଜଙ୍ଘେ ଖୋଳିଦେଲେ ଭୁସୁ ଭୁସୁ ପାଣି
ପୁରୁଷେ ଖୋଳିଦେଲେ
କେଉଁଠି ଡଙ୍ଗାମଙ୍ଗ ତ' କେଉଁଠି ଭଙ୍ଗା କାତ
ଗୋଟେ ବିଲୁପ୍ତ ସମୟ
ସୁନାମୁଖୀ ନଈ ଆଜି ସୁନାମୁଖୀ ଜୋର
କାଲିକି ହୁଏତ ଲିଭି ଯାଇଥିବ ନାଁ'
କେତେ କଣ ହଜିଗଲା ଭଳି ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
( ମୋ) ୯୭୭୭୮୪୩୦୩୧

### ବର୍ଷା
### ସରୋଜ କୁମାର ଦାସ



ଏକ ରୋମାଞ୍ଚ, ଏକ ବିମୋହନ
ତା' ପାଦ ସ୍ପର୍ଶରେ,
ପରିବର୍ତ୍ତନର ନବ ଗୁଞ୍ଜରଣ ଧରିତ୍ରୀ ବକ୍ଷରେ,
ସେ ଏକ ବିସ୍ମୟ,ଏକ ଆଲୋଡନ
ଆର୍ଦ୍ର ଅନୁଭବ ଅନନ୍ତ ଶକ୍ତିର ।

ତା' ଆବାହନରେ ସଞ୍ଚାରିତ ହୁଏ ମହାଶକ୍ତି
ତା' ନୂପୁର ଶବ୍ଦରେ ଶାନ୍ତ ହୁଏ ଧୂମଳ ଧରଣୀ
ଛପିଯାଏ ଦାରୁଣ ନିଦାଘ ଦୂର ଦିଗନ୍ତରେ,
ପର୍ଣ୍ଣହୀନ ତରୁଦେହେ ସବୁଜ ସଞ୍ଚାର
ସତେ ଅବା ପ୍ରକୃତିର ନବ କଳେବର ।

ଭାସିବୁଲେ ନଭଦେଶେ କୃଷ୍ଣ କାଦମ୍ବିନୀ
ଆଙ୍କିଦେଇ କଜଳର ଗାର
ତା' ଦୁଇ ନୟନେ,
ଝର ଝର ଝରିଆସେ ଅବାରିତ ଧାରା
ସେ ଶୂନ୍ୟ ବଦନେ ।

କଟିରେ ଚମକେ ଯେବେ ସୁବର୍ଣ୍ଣ ମେଖଳା
ଚପଳାର ସ୍ୱର୍ଣ୍ଣିମ ଝଲକେ
ସତେକି ସେ ବିଭୂଷିତା
ତୋଳିବାକୁ ପ୍ରଳୟର ପ୍ରଚଣ୍ଡ ତାଣ୍ଡବ
ବଜ୍ର ଗମ୍ଭୀର ନାଦରେ
ସେ ଦେଇଥାଏ ସଙ୍କେତ
ସାରା ମୁଲକେ ।

ପରିବ୍ୟାପ୍ତ ଅନ୍ଧକାର ରଜନୀ
କେବେ ଖଦ୍ୟୋତର ଲୁଚକାଳି ଖେଳ
ଯେମିତି ଅମା ରାତିର ଆକାଶେ
ମିଞ୍ଜି ମିଞ୍ଜି ତାରା ଫୁଲ
ଛପି ଛପି ଛୁଇଁ ଯାଏ
ତନୁକୁ ତାହାର ।

ପ୍ରସ୍ଫୁଟିତ ସୁମନର ସୁଗନ୍ଧ ସାଥେ
ମଧୁମୟ ପଲ୍ଲୀ ଉପାନ୍ତ
କରିବାକୁ ସ୍ୱାଗତ ତାହାର
ତୃଣ କୁଞ୍ଜରୁ ଧ୍ୱନିତ ହୁଏ ଡାହୁକର ଚିତ୍କାର,
କେବେ ସାଧବ ବୋହୂର ନାଲି ପଟୁଆର
ଝିଙ୍କାରୀର ସ୍ୱର
ଯେମିତି ଏକ ସୁସଜ୍ଜିତ ସ୍ୱାଗତ ସମ୍ଭାର ।

ସବୁକିଛି ଅପେକ୍ଷାର ଅନ୍ତ ତା ଆଗମନରେ
କେବେ ନାବରେ,କେବେ କାଗଜ ଡଙ୍ଗାରେ
ପୁଲକିତ ହୋଇଉଠେ ମନ ପୂର୍ଣ୍ଣଗର୍ଭା କୂଳେ,
ସେ ଆସେ ଚିତ୍ତ ହରଷାଇ
କେବେ ଲୋତକ ଝରାଇ କୃଷକ ଜୀବନେ ।

ତପ୍ତ ପ୍ରାଣରେ ଶାନ୍ତିର ଛୁଆଁ ଦେଇ
ରଜର ମଉଜ ନେଇ
ବାରିଦର ଭେଳାରେ ସେ ଆସେ
ଆଦ୍ୟ ଆଷାଢ଼ର ସାଥେ,
ଛୁଇଁ ଯାଏ ଧରଣୀକୁ
ବର୍ଷାର ଧାରା ହୋଇ ।

❤ ବାଲିଆପାଳ, ବାଲେଶ୍ୱର
(ମୋ)୮୩୨୮୮୯୨୦୭୦

### ପୁନର୍ଜନ୍ମର ଅପେକ୍ଷାରେ
### ମମତା ପ୍ରିୟଦର୍ଶିନୀ



ଯେବେ ଯେବେ ଦିଶେ
ତାରା ଭର୍ତ୍ତି ଆକାଶ
ମନେପଡେ ସେଇ ମୂହୁର୍ତ୍ତ
ଯା ଦିନେ ଟପି ବି ପାରିଲାନି
ଅନନ୍ତ ଉଡାଣର ଏରୁଣ୍ଡି ।

ସ୍ମୃତି ପଟଳରେ ଭାସିଉଠେ
କେତେ କେତେ ସ୍ୱପ୍ନର ପ୍ରତିଶ୍ରୁତି,
ହୃଦୟ ସାଇତା ଅନ୍ତରଙ୍ଗ ଅନୁଭବ
ପାରି ହେବାକୁ ଚାହେଁ
ମଥା ପିଟୁଥିବା ଉତ୍ତାଳ ତରଙ୍ଗକୁ ।

କୁଆଡେ ଆଉ ଆସେକି
ସେଇ ପରମ ସୌଭାଗ୍ୟ ,
ପ୍ରେମିକ ପବନର ମୃଦୁ ଶିହରଣକୁ
ଆଲିଙ୍ଗି ନେବାକୁ ,
ଆଖି ଖୋଲିଲେ ଥାଏ
ମୃତ୍ୟୁ ମହୋତ୍ସବର ଚିତ୍ର ।

ଫେରାଦ୍ ଦିଏ ବାରଂବାର ଆହତ ହୃଦୟ
ଈଶ୍ୱରଙ୍କ ଦରବାରେ ସାଷ୍ଟାଂଗ ପ୍ରଣିପାତେ,
ଫେରେଇ ଦବାକୁ ସେ ଜହ୍ନରାତିର
ଆଞ୍ଜୁଳାଏ ସ୍ୱପ୍ନ ।

ଲଂପଟ ସମୟ କିନ୍ତୁ ମୁହଁ ଫେରାଏ
ରାତିର ଭଣ୍ଡାର ଘରେ
ଅନ୍ଧାରିଆ ଶୂନ୍ୟତାରେ,
ବଞ୍ଚି ଯାଇଥିବା ଅଳ୍ପ କିଛି ଅନୁରାଗ ବି
ପାଣି ଫୋଟକା ଭଳି ମିଳେଇ ଯାଏ ।

ତଥାପି ପୁନର୍ଜନ୍ମର ସ୍ୱପ୍ନ ନେଇ ନିଦୁଆ ହୁଏ ଆଖି
ଅଜସ୍ର ଦରଦକୁ ଫୁଙ୍କି ଦେଇ
ଉଡେଇ ଦେବାପାଇଁ,
ମାଟିରୁ ଆକାଶ ଯାଏ ପରିବ୍ୟାପ୍ତ ଜୀବନକୁ
ଖାସ୍ କରି ହାଲ୍କା କରିବା ସକାଶେ ।

❤ ସୁନ୍ଦରଗଡ
(ମୋ)୯୯୩୭୦୬୭୧୮୬

### ପ୍ରକାଶର ପଥ
### ପ୍ରତାପ କୁମାର ପଣ୍ଡା



ଶକ୍ତ ପଞ୍ଝା, ତୀକ୍ଷ୍ଣ ଦୃଷ୍ଟି,
ଚଞ୍ଚୁରେ ରକ୍ତର ଲାଳସା,
ସୁନୀଳ ଆକାଶ ତଳେ
କଳା ମେଘ ଚକର୍ କାଟୁଛି...
ମୃତ୍ୟୁର ଦୂତ ଭାବେ,
ଶୂନ୍ୟତାର ଦିଗନ୍ତରେ।

ଅଦୃଶ୍ୟ ଶଙ୍ଖ ଧ୍ୱନି
ଦେଉଛି ଅନ୍ତିମ ସତ୍ୟର ସୂଚନା,
ସବୁ ଶେଷ ଏଠି ଶେଷ ନୁହେଁ
ଆରମ୍ଭ ହେଉଛି ଅନ୍ୟ ଏକ ଯାତ୍ରା।

ନବପତ୍ର ସମ ନୂଆ ଆଶାର ମାନସିକ ପତ୍ର
ଆସକ୍ତିର ଅନୁଭବରେ ଉଜାଗର
ମାଟିରେ ଝାଉଁଳି ପଡ଼ିଥିବା ସ୍ୱପ୍ନମୟ ଜୀବନ
ଏବେ ଧୂଆଁଳିଆ ଅସ୍ପଷ୍ଟ।

ଗଭୀର ନୀରବତା
ମନର ମଳାଜହ୍ନରେ ବିଲୀନ,
ନିରାଶା ନିଷ୍କର୍ଷ ହୋଇ
ଦେଉଛି ଏକ ଅନ୍ତଃପ୍ରେରଣା,
ନିବାରଣ ନୁହେଁ, ଅଙ୍ଗୀକାର।

ମୃତ୍ୟୁ ପରିସମାପ୍ତି ନୁହେଁ,
ଏହା ପରିବର୍ତ୍ତନର ସ୍ୱର,
ଚିରସ୍ଥାୟୀ ଅନ୍ଧାରର ମନ୍ଦାକିନୀ ମଧ୍ୟରୁ
ଅଙ୍କୁରିତ ହେଉଛି ଆଲୋକ
ଏକ ସୂକ୍ଷ୍ମ ରେଖା,
ଏକ ଆଶା, ଏକ ନୂତନ ଆରମ୍ଭ।

❤ କ୍ୱା. ନଂ- ଡି/୯
ସେକ୍ଟର-୯, ରାଉରକେଲା-୯
(ମୋ)୯୮୬୧୦୫୯୭୦୯

# ଗୋଟେ ପିଢି ଗଲେ ଆଉ ଗୋଟେ ପିଢି ଆସିବେ ସାହିତ୍ୟର ମଙ୍ଗ ଧରିବାକୁ: ମାଧୁରୀ ପଣ୍ଡା

**ମାଧୁରୀ ପଣ୍ଡା** ଓଡିଆ କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଶବ୍ଦରେ ଶବ୍ଦରେ ସେ ବର୍ଣ୍ଣି ପାରନ୍ତି ଜହ୍ନରାତିର ମଧୁମୟ ମଧୁରତାକୁ, ନଦୀକୂଳର ସୁଲୁସୁଲିଆ ପବନର ମିଠା ସ୍ୱର୍ଶକୁ । ତାଙ୍କ କବିତାର ଚିତ୍ର ଏତେ କମନୀୟ ଯେ ତାହା ଅନାୟସରେ ଛୁଇଁପାରେ ପାଠକଙ୍କ ହୃଦୟ । ଜୀବନର ବିଦଗ୍ଧ ଅନୁଭବକୁ ନେଇ ନିଜ ସୃଷ୍ଟି ସମୂହକୁ ସେ କରିପାରନ୍ତି ଅତୀବ ପ୍ରାଣବନ୍ତ । ଅକୃତ୍ରିମ ଆତ୍ମୀୟତାକୁ କାନିରେ ଗଣ୍ଠି କରିଥିବା ଏବଂ କ୍ଷତ, ପୀଡା, ଉଲ୍ଲାସକୁ କବିତାରେ ରୂପ ଦେଇ ବାଟ ଚାଲିବାକୁ ପଣ କରିଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ସାହିତ୍ୟରେ ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କବିତାରୁ ଆରମ୍ଭ ହେଇନି ଯାତ୍ରା । କବିତାର ପ୍ରେମରେ ପଡିବା ଆଗରୁ କିଛି କିଛି ଗପ ହିଁ ଲେଖୁଥିଲି । ନିଜକୁ ସନ୍ତୁଷ୍ଟି ଦେଉନଥିଲା ତ ଲେଖିକି ଚିରି ଦେଇଛି । ମୁଁ କଣ ଜାଣିଥିଲି କବିତା ହିଁ ମୋର ଭାଗ୍ୟରେ ଥିଲା ! କବିତାର ହାତ ଧରି ମତେ ପାର କରିବାର ଅଛି ଅନେକ ଅନେକ ଆୟୁଷ୍କାଳ । ବଂଶଧାରା ନଦୀ କୂଳେ ଛୋଟିଆ ଗାଁ ମୋର ଗୁଡାରୀ । ମୋ ଗାଁର ଶାନ୍ତ ପରିବେଶ, ମନ୍ଦିରର ଆଳତୀ, ଘଣ୍ଟା ଧ୍ୱନି, ଆମ୍ବ ତୋଟା, ସାଙ୍ଗ ସାଥି ସର୍ବୋପରି ମୋ ଗାଁର ଲୋକଙ୍କ ଅକୃତ୍ରିମ ମିଠାମିଠା ଆତ୍ମୀୟତା ମୋ ଅଲକ୍ଷ୍ୟରେ ମତେ ଲେଖିବାର ମୋ ଭିତରେ ପ୍ରସ୍ତୁତି ଆରମ୍ଭ କରି ସାରିଥିଲା । ମୁଁ ମୁକୁଳି ପାରିଲିକି ସେଥିରୁ !

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଘରେ ପଢିବାର ଆଗ୍ରହ ଥିଲା ସମସ୍ତଙ୍କର । ମୋ ଅଜା ପାଠୋଇ ବୋଉ ତା ବାହାଘର ପେଡିରେ ନେଇ ଆସିଥିଲା ଭାଗୀରଥି ଦାସ, ବିଭୂତି ପଟ୍ଟନାୟକଙ୍କଠୁ ଆରମ୍ଭ କରି ଅବଲୋକରା କାହାଣୀ, ଶୁଆ ସାରୀ କଥା, ରାମାୟଣ, ମହାଭାରତ ଏମିତି କେତେ କେତେ ବହି । ମୋ ନନା(ବାପା) ମଧ୍ୟ କିଛି କିଛି ଗପ ଲେଖୁଥିଲେ । ହୁଏତ ଏହାର ପ୍ରଭାବ ମୋ ଉପରେ ରହିଛି । ସର୍ବୋପରି ଗାଁ ମାଟିର ଗୋଟିଏ ଅପୂର୍ବ ସମ୍ମୋହନ ଶକ୍ତି ରହିଛି, ଯାହା ମତେ କଲମ ଧରିବା ପାଇଁ ରାସ୍ତା ଦେଖେଇ ଦେଇଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ଅତ୍ୟନ୍ତ ଖୁସିର ସହ କହିବି ମୁଁ ପ୍ରଜାତନ୍ତ୍ର ସାପ୍ତାହିକୀରୁ ଆସିଛି ସାହିତ୍ୟ ଜଗତକୁ । ଯଦିଓ ଯା ପୂର୍ବରୁ କିଛି କିଛି ଲେଖିଛି ତଥାପି ସାପ୍ତାହିକୀରେ ମୋର ପ୍ରଥମ କବିତା ବାହାରିବା ପରେ ଯୋଉ ନିର୍ମଳ ଆନନ୍ଦ, କବିତାରେ ମୋ ନାଆଁକୁ ମୁଁ ବାରମ୍ବାର ଛୁଇଁଛି, ଶିହରିତ ହେଇଛି । ମୋ ଗୋଡ ତଳେ ଲାଗୁନଥାଏ । ମୋ ନନା ତାଙ୍କ ଅଫିସରେ ସମସ୍ତଙ୍କୁ ଦେଖେଇ ଦେଇଥିଲେ, ପଢି ଶୁଣେଇଥିଲେ । ମୋର ମନେ ଅଛି ନନା କହୁଥିଲେ ଆମ ପରିବାରରେ ଇଞ୍ଜିନିୟର, ଶିକ୍ଷକ, ଡକ୍ଟର ସବୁ ଅଛନ୍ତି ମାତ୍ର କବି କିଏ ନଥିଲେ । ମୋ ଝିଅ କବି ହେବ । ସେତେବେଳେ କବିତାଟିଏ ବାହାରିଲେ ପ୍ରଚୁର ଚିଠି ପାଉଥିଲୁ ଆମେ ପାଠକଙ୍କ ପାଖରୁ । ତାହା ହିଁ ଆମର ଅମୂଲ୍ୟ ସମ୍ପତ୍ତି ଥିଲା ଏବଂ ସାହିତ୍ୟ ଜଗତ ଆଡକୁ ପାଦ କଢେଇ ନେଉଥିଲା । ବର୍ତ୍ତମାନ ସୁଦ୍ଧା ମୋର ଚାରି ଖଣ୍ଡ ବହି ପ୍ରକାଶିତ । ଏଇ ବହି ସବୁ ମୋ କ୍ଷତ, ପୀଡା ଉଲ୍ଲାସରେ ଜୀବନ ନେଇଛନ୍ତି । ତେବେ 'ଅଧୀର ଆଲୋକ'ର ପ୍ରକାଶ ହେବା ଖୁବ୍ ଆନନ୍ଦ ଦେଇଥିଲା ମତେ । ଏଥିପାଇଁଯେ, ଏହା ପଛରେ ମୋ ପ୍ରିୟ କବି ସୁନୀଲ ପୃଷ୍ଟିଙ୍କ ସଜଳ ସ୍ୱର୍ଶ ରହିଛି ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଯେତେ ଇଂରାଜୀ ଭାଷା, ହିନ୍ଦି ତଥା ଅନ୍ୟ ଭାଷାର ପ୍ରଚଳନ ହେଉନା କାହିଁକି ଓଡିଆ ସାହିତ୍ୟ କେବେ ପଛରେ ପଡିବନି । ଆମ ଭାଷା, ସାହିତ୍ୟ ମାଟିରୁ ହିଁ ଉନ୍ନତ । ତେବେ ଆମେ ଏତିକି କରିବା ଆମ ସ୍କୁଲ, କଲେଜ, ଗ୍ରାମାଞ୍ଚଳରେ ସାହିତ୍ୟ ପାଇଁ ବାଧ୍ୟତାମୂଳକ ଭାବେ ମାସରେ ଅନ୍ତତଃ ଗୋଟିଏ ଦିନ ରଖିବା । ବିବାହ, ବ୍ରତ ଆଦିରେ ଦାମୀ ଉପହାର ଅପେକ୍ଷା ଆମ ପ୍ରିୟ ଲେଖକମାନଙ୍କ ବହିକୁ ଉପହାର ସୂତ୍ରରେ ଦେବା । ଘରେ ଘରେ ସାହିତ୍ୟକୁ ଉତ୍ସବ ଭାବେ ପାଳନ କରାଯାଉ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ସବୁବେଳେ ଭାଷାକୁ ନେଇ ଏଇ ସନ୍ଦେହ ଉପୁଜିଛି । ସେଥିପାଇଁତ କହୁଛି ସାହିତ୍ୟକୁ ବାଧ୍ୟତାମୂଳକ ଭାବେ ପଢିବାକୁ ନିଆଯାଉ । ସରକାରୀ ଅଫିସ୍, ବିଶ୍ୱବିଦ୍ୟାଳୟ ସବୁଠି ଏପରିକି ବଡବଡ କମ୍ପାନୀ ମାନଙ୍କରେ ମଧ୍ୟ ଓଡିଆ ଭାଷାରେ ଚିଠିପତ୍ର ଲେଖାଯାଉ । ଆମ କଥାବାର୍ତ୍ତାରେ ବି ଓଡିଆ ଭାଷାକୁ ପ୍ରୟୋଗ କରିବା ହିନ୍ଦି, ଇଂରାଜୀ ବଦଳରେ । ଲଜ୍ୟା ଅନୁଭବ ନ କରି ଓଡିଆ କହିବା ଅନ୍ୟ ମାନଙ୍କ ସମ୍ମୁଖରେ । ଆମ ଭାଷା ପହଞ୍ଚିବା ଦରକାର ଦୂର ଦୂରାନ୍ତର । ଓଡିଆ ଭାଷାର ଅନୁବାଦ କରାଯାଉ ବହୁଳ ଭାବେ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତାର ମିଠାସ୍ ମନରୁ ଯାଉ ହିଁ ନଥିବ । ଭଲ କବିତା ଜହ୍ନରାତି ଭଳି, ନଦୀ କୂଳର ସୁଲୁସୁଲିଆ ପବନ ଭଳି, ଯାହା ମନକୁ ସବୁବେଳେ ଉଚ୍ଚାଟ କରୁଥିବ । ଭଲ କବିତା ଭୁଲି ହେଉନଥିବା ମିଠା ଗୀତର ଧାଡି ଭଳି ମନ ଭିତରେ ଗୁଣୁଗୁଣୁ ହେଉଥିବ । ଆମେ ସାହିତ୍ୟ କରିକି ହୁଏତ ସମାଜକୁ ରାତାରାତି ବଦଳେଇ ନ ଦେଇପାରୁ କିନ୍ତୁ ଥରେ ଭାବିବା ପାଇଁ ମନ ଭିତରେ ଜାଗାଟିଏ ତ ରଖିପାରିବା !

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ମୁଁ ଆଶାବାଦୀ ମୋ ଭାଷା, ସାହିତ୍ୟକୁ ନେଇ । ଏହାର କେବେ ଶେଷ ନାହିଁ । ଗୋଟେ ପିଢି ଗଲେ ଆଉ ଗୋଟେ ପିଢି ଆସିବେ ଏହାର ମଙ୍ଗ ଧରିବାକୁ । ଆମେ ହୁଏତ ନଥାଇ ପାରୁ କିନ୍ତୁ ଭାଷା ସାହିତ୍ୟ ସବୁବେଳେ ଉପରେ ରହିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ନିରୁତା ଖୁସି ଦେଉ କିନ୍ତୁ ଲୋଭ ନ ବଢାଉ । ପୁରସ୍କାରକୁ ଆଖି ଆଗରେ ରଖି କେହି ସାହିତ୍ୟ କରି ପାରିବେନି । ଆମେ ଯେମିତି ଚାହୁଁଛେ ଆମ ଲେଖା ଅନ୍ୟ ମାନେ ପଢନ୍ତୁ ସେମିତି ଆମେ ବି ଅନ୍ୟକୁ ପଢିବା, ବୁଝିବା ଦରକାର । ପଢିବାର ମନୋବୃତ୍ତି ଆମ ଭିତରେ ପ୍ରବଳ ହେଉ ।

♥♥

■ ଅଳ୍ପରେ ମାଧୁରୀ ପଣ୍ଡା

ନାମ - ମାଧୁରୀ ପଣ୍ଡା
ଜନ୍ମ-୧୮.୫.୭୧
ଜନ୍ମସ୍ଥାନ-ଗୁଡାରୀ (ରାୟଗଡା ଜିଲ୍ଲା)
ପିତା-ଶ୍ରୀ ନରସିଂହ ପଣ୍ଡା
ମାତା-ଶ୍ରୀମତୀ ହାରାବତୀ ପଣ୍ଡା
ସ୍ୱାମୀ-ଶ୍ରୀ ବିପିନ୍ ପାତ୍ର

ବର୍ତ୍ତମାନର ଠିକଣା-
ଗୌତମ ନଗର (ପ୍ରଥମ ଲାଇନ୍)
ପ୍ରସାଦ ରାଓ ପେଟା
ଜୟପୁର (କୋରାପୁଟ)
ପିନ୍- ୭୬୪୦୦୩
(ମୋ) ୯୯୩୭୨୨୬୮୨୫




**ପ୍ରକାଶିତ ପୁସ୍ତକ: କବିତା**
୧) ମୁଖର ହେବାର ବେଳ
୨) କେତେ ଦୂରେ କେତେ ପାଖେ
୩) ଅଧୀର ଆଲୋକ
୪) ଅଧା ଅଧା ନିରବତା


ଜୀବନସାଥୀଙ୍କ ସହ କବି...




ସମଧର୍ମା ବନ୍ଧୁମାନଙ୍କ ସହ କବି ମାଧୁରୀ ପଣ୍ଡା...


ସୁଖୀ ପରିବାର : ପତି, ପୁତ୍ରଙ୍କ ସହ କବି ମାଧୁରୀ ପଣ୍ଡା.....



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

**ନନ୍ଦିତା ମହାନ୍ତି**

ଭାଗ-୨୭



ଆନ୍ ମୋତେ ଦେଖି, ସରୁ ହସଟିଏ ହସି 'ହାଏ' କହିଲା । ତାପରେ ନିଜର ଡ୍ରେସ ଉପରେ ଗୋଟିଏ ଫିକା ନୀଳ ରଙ୍ଗର ଆପ୍ରନ ପିନ୍ଧିଲା । ହାତରେ ଗଳେଇଲା ଗ୍ଲୋଭସ । ଦୁଇପଟ ଆପ୍ରନ ପକେଟରେ ରଖିଲା କିଛି ସଫାକରିବା ସାମଗ୍ରୀ ଥିବା ବୋତଲ । ତାପରେ ଲାଗିଗଲା ତା କାମରେ । 'ସେମାନଙ୍କୁ କିଛି କହିବାକୁ ପଡେନାହିଁ । ସେମାନେ ଖୁବ ପ୍ରଫେସନାଲ ।' ଝିଅ କହୁଥିଲା ।

ସବୁଦିନ ସନ୍ଧ୍ୟା ଚାରିଟା ହେଲେ ମୁଁ କପେ ଗରମାଗରମ ଚାହା ପିଇ ସାରି , ଘର ଲକ୍ କରି ବୁଲିବାକୁ ବାହାରିଯାଏ ବାହାରକୁ । ବୁଲିବା କହିଲେ ଚାଲି ଚାଲି , ଆପାର୍ଟମେଣ୍ଟ ଆଖପାଖରେ ବୁଲେ ମୁଁ । ଏମିତି ବି ମୁଁ ଟିକେ ରାସ୍ତାଘାଟ ସହଜେ ମନେ ରଖିପାରେନା । ସେଥିପାଇଁ ବାହାରକୁ ଏକୁଟିଆ ଗଲେ ଡର ଥାଏ କାଳେ ବାଟ ଭୁଲିଯିବି । ଫେରି ପାରିବିନି ଘରକୁ । ଆଉ ମୁଁ ହଜିଯାଇଛି ବୋଲି କାହାକୁ ଜଣେଇ ମଧ୍ୟ ପାରିବିନି । କାରଣ ବାହାରକୁ ଗଲେ ଓ୍ୱାଇ-ଫାଇ ନାହିଁ ମାନେ ମୋର ଫୋନ ଅକାମୀ । ତେଣୁକରି ଆପାର୍ଟମେଣ୍ଟ ପାଖାପାଖି ମୁଁ ଗୋଟେ ନୀଳ ରଙ୍ଗର ଉଚ୍ଚ ବିଲଡିଂଙ୍କୁ ଚିହ୍ନ ରଖିଥାଏ । ସେଇଟି ଗୋଟେ କାର ସୋରୁମ । ଆଠ/ଦଶ ମହଲା ବିଶିଷ୍ଟ ବିଏମଡବ୍ଲିଉ କାରର ସୋ'ରୁମ । ପ୍ରତି ଫ୍ଲୋରରେ ସଜେଇ ହେଇ ଥୁଆ ଯାଇଥାଏ ଭିନ୍ନ ଭିନ୍ନ ରଙ୍ଗର ଲକଜୁରି କାର । କାଚ ଦେଇ ଦିଶୁଥାଏ ବାହାରକୁ । ମୁଁ କାରଗୁଡିକୁ ଅନେଇ ଅନେଇ ଯାଏ ଓ ଆସେ । ମୋ ମନରେ ଥାଏ, ଯୁଆଡେ ଗଲେ ବି ମୋତେ ସେଇଠି ଆସି ପହଞ୍ଚିବାକୁ ପଡିବ । ସେଇଠୁ ଡାହାଣହାତି ବୁଲିଗଲେ ଝିଅର ଟ୍ୱିନ ଟାଓ୍ୱାର ଆପାର୍ଟମେଣ୍ଟ । ସେଇ ସୋ'ରୁମରୁ ଟିକେ ଦୂରକୁ ଗଲେ ମୁଖ୍ୟରାସ୍ତାର ଦୁଇ ପାଖେ ଧାଡି ଧାଡି ହୋଇ ପ୍ରାଇଭେଟ ଘର । କ୍ୟାଲେଣ୍ଡରର ଘର ପରି ନୂଆଁଣିଆ ଛାତ ଥିବା ସୁନ୍ଦର, କଟେଜ ପରି ଘରସବୁ । ଘରର ସାମ୍ନା ପଟେ ବଡ ବଡ ଅକ୍ଷରରେ ଲେଖା ହୋଇଛି ଘରନମ୍ବର । ଗୋଟିଏ ଧାଡିର ପ୍ରଥମ ଘରର ନମ୍ବର ଏକ ହେଲେ ପରବର୍ତ୍ତୀ ଘରର ନମ୍ବର ହେଉଛି ତିନି । ମଝି ନମ୍ବରଟା କୁଆଡେ ଗଲା । ମୋତେ ଟିକେ ଆଶ୍ଚର୍ଯ୍ୟ ଲାଗିଲା । ଆମ ଦେଶରେ ତ ଘରନମ୍ବର ସବୁ କ୍ରମାନ୍ୱୟରେ ଥାଏ । ମୁଁ ଆଗକୁ ଆଗକୁ ଚାଲିଲି । ଉଭୟ ପଟକୁ ଚାହିଁଲା ପରେ ବୁଝିପାରିଲି ଯେ ଏଠାରେ ଘରର ନମ୍ବର ସବୁ ଆମ ଦେଶ ପରି ନୁହେଁ ।ଏଠି ରାସ୍ତାର ଗୋଟେ ପଟର ଘରନମ୍ବର ଯୁଗ୍ମ ନମ୍ବର ହେଲେ ଅପର ପଟେ ଥିବା ଘରନମ୍ବର ଅଯୁଗ୍ମ । ଅର୍ଥାତ ଘର ନମ୍ବର ଏକ, ତିନି, ପାଞ୍ଚ ଇତ୍ୟାଦି ଗୋଟେ ଧାଡିର ହେଲେ ତା ସାମ୍ନାରେ ଥିବା ଧାଡିରେ ଥାଏ ଦୁଇ, ଚାରି, ଛଅ ନମ୍ବରଧାରୀ ଘର ।

ଏଠାରେ ପ୍ରତି ଘର ଆଗରେ ଅଛି କିଛି ଖୋଲା ଜାଗା । ମଝିରେ ବାହାରକୁ ଆସିବାକୁ କଡପା-ପକା ପାଦଚଲା ରାସ୍ତା । ରାସ୍ତାର ଦୁଇପାଖେ ଘାସ ଗାଲିଚା । ଘାସ ସବୁ ଅତି ଯତ୍ନର ସହିତ ସାଇଜ କରି କଟାଯାଇଛି । ଘାସଗାଲିଚାର ଧାରେ ଧାରେ କିସମ କିସମର ଋତୁଓ୍ୱାରୀ ଫୁଲଭର୍ତ୍ତି ଗଛ । ଗଛ ମୂଳରେ ସଜାଯାଇଛି ଧଳା ରଙ୍ଗଦିଆ ପଥର ତିଆରି ବତକ, ଲମ୍ବାଗୋଡିଆ ବଗ, ପବନରେ ଘିରି ଘିରି ହୋଇ ବୁଲୁଥିବା ରଙ୍ଗୀନ ଚକ୍ରି । ଘର ସାମ୍ନା ବାରଣ୍ଡାରେ ଗାର୍ଡେନ ଚୌକି ଆଉ ଟେବୁଲ । କେଉଁଠି କେଉଁଠି ସାମ୍ନାସାମ୍ନି ସ୍ୱାମୀ ସ୍ତ୍ରୀ ବସି ଚାହା ପିଉଛନ୍ତି କିମ୍ବା କଥା ହେଉଛନ୍ତି । କିନ୍ତୁ ବଡ ଆଶ୍ଚର୍ଯ୍ୟ କଥା କୌଣସି ଘର ସାମ୍ନାରେ ଗେଟ ନାହିଁ କି ନାହିଁ ପାଚେରି । କେବଳ ପରିସୀମା ସୂଚେଇବା ପାଇଁ ଘର ଚାରିପଟେ ଏକ ମିଟର ଦୂରତାରେ ପୋତା ହୋଇଛି ଚାଖଣ୍ଡେ ଲମ୍ବର ସାଇଜକରି କଟା ଯାଇଥିବା ଖଣ୍ଡେ ଖଣ୍ଡେ ଧଳା ରଙ୍ଗଦିଆ କାଠ । ମଝିଆମଝି ସ୍ଥାନରେ ଗୋଟେ ପ୍ଲାକାର୍ଡ ପରି କାର୍ଡରେ ଲେଖାହୋଇଛି, 'ପ୍ରାଇଭେଟ ପ୍ରପର୍ଟି, ଟ୍ରେସପାସିଙ୍ଗ ନଟ ଆଲାଉଡ' । ଗୋଟେ ଛୋଟିଆ ପୋଷ୍ଟକାର୍ଡ ଆକାରର କାର୍ଡ ଉପରେ ବରକୋଳି ଆକାରର ଏହି ଅକ୍ଷରକୁ ଖୁବ ଧ୍ୟାନର ସହିତ ନ ଦେଖିଲେ ଆଖିରେ ପଡିବା ଅସମ୍ଭବ, ଏହାକୁ ଦେଖି ସତରେ କଣ ବାହାରିଆ ଲୋକମାନେ ଘରର ହତା ଭିତରକୁ ପଶନ୍ତିନାହିଁ । ମନଇଚ୍ଛା ଫୁଲପତ୍ର ଛିଣ୍ଡେଇ ନିଅନ୍ତିନାହିଁ । ବଗିଚାରେ ସଜା ହୋଇଥିବା ଜିନିଷ ଚୋରୀ କରନ୍ତିନାହିଁ । ଏବେ ମୋର ସାରା ଚେହେରାରେ ଅବିଶ୍ୱାସଭରା ଭାବ । ମୁଁ ଯେତେ ଦଲିଲ ଦେଇ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ମୋର ମନ ମାନିବାକୁ ଏକଦମ ନାରାଜ ।

ମୁଁ ଟିକେ ଗଛପତ୍ର ସଉକିଆ ମଣିଷ । ଆମର ଯେତେବେଳେ ଭୁବନେଶ୍ୱରରେ ଘର କିଣିବା କଥା ଠିକ୍ ହେଲା ସେତେବେଳେ ମୁଁ ଜିଦି ଧରିବସିଲି, ଯଦି କିଣାହେବ ତେବେ କେବଳ ନିଜସ୍ୱ ଘର । ଆପାର୍ଟମେଣ୍ଟ ନୁହେଁ । ବର୍ତ୍ତମାନ ଭାରତର ସବୁ ବଡ ବଡ ସହରରେ ଆପାର୍ଟମେଣ୍ଟ ସଂସ୍କୃତି ହୁ' ହୁ' ହୋଇ ବଢିଚାଲିଛି । ସମସ୍ତଙ୍କର ଯୁକ୍ତି ଆପାର୍ଟମେଣ୍ଟଗୁଡିକ ସୁରକ୍ଷିତ ଓ ବ୍ୟବସ୍ଥିତ, ଚୋରୀତସ୍କରି ଭୟ କମ୍, ପରିଷ୍କାର ବାତାବରଣ, ସୋସାଇଟି ପଇସା ଦେଇଦେଲେ ତୁମର କିଛି ଚିନ୍ତା କରିବାର ନାହିଁ , ସବୁ କଥା ସୋସାଇଟିବାଲାଏ ବୁଝିବେ ଇତ୍ୟାଦି ଇତ୍ୟାଦି । ହେଲେ ମୋର ଏକା ଜିଦି ମୋର ଜାଗା ଦରକାର। ବଡ ବଡ ଗଛ ନ ହେଲା ନାହିଁ । ଅନ୍ତତଃ ପକ୍ଷେ ଗମଲାରେ ତ ଗଛ ଲଗେଇପାରିବି। ଆପାର୍ଟମେଣ୍ଟରେ ସେକଥା ସମ୍ଭବ ନୁହେଁ । ଶେଷରେ ଗୋଟେ କଲୋନୀରେ ଆମର ଘର କିଣା ହେଲା । ସାମ୍ନାରେ ଯଥେଷ୍ଟ ଜାଗା ଛଡା ଯାଇ ଘର ତିଆରି ହେଲା । ମୁଁ ହତା ଭିତରେ, ପାଚେରୀ ଧାରେ ଧାରେ ଲଗେଇଲି ଅନେକ ଫୁଲ ଗଛ । ମନ୍ଦାର, ଟଗର , ଡରାଟ, ଅଶୋକ, ଗୋଲାପ ଆଦି ବାରମାସ ଯାକ ଫୁଲରେ ମଣ୍ଡି ହୋଇ ରହୁଥିବା ଗଛ । ଋତୁଓ୍ୱାରୀ ଫୁଟୁଥିବା ଅନେକ ଫୁଲଗଛ ସହିତ ବିଭିନ୍ନ ଜାତିର କ୍ରୋଟନ ଓ ସୋପ୍ଲାଣ୍ଟସ । ଅଫିସରୁ ଫେରି ମୁଁ ଦିନରାତି ଲାଗୁଥିଲି ସେଇ ଗଛ ପଛରେ । ସୋରିଷ-ପିଡିଆ ପୋଚ ଠାରୁ ଆରମ୍ଭ କରି ଜିଆଖତ, ଚାହାପତି ଗୁଣ୍ଡ, ପରିବାଧୁଆ ପାଣି, ପାଉଁଶ ଆଦି ଗଛମୂଳରେ ଦେଉଥିଲି । ଗଛରୁ ମିଲିବଗ୍ ଦୂର କରିବା ପାଇଁ ପାଣିରେ ନିମତେଲ ମିଶେଇ ଗଛରେ ସ୍ପ୍ରେ କରୁଥିଲି । ଗଛରେ ପ୍ରଥମ ଫୁଲଟେ ଆସିଲେ, ଖୋଜି ଆଣି ଲଗେଇଥିବା ଡାଳରେ କୁଆଁଟେ ବାହାରିଲେ କିମ୍ବା ସୁକୁ ସୁକୁ ହେଉଥିବା ଚାରା ଗଛଟିରେ ନୂଆ ପତ୍ରଟେ ଆସିଲେ ଖୁସିରେ ଆତ୍ମହରା ହେଉଥିଲି ମୁଁ । ଥରେ ନୂଆବର୍ଷ ଦିନ ସକାଳୁ ଉଠି ଦେଖିଲି, ତାଲା ପଡିଥିବା ଗେଟକୁ ଡେଇଁ ମୁଁ ଏବେ ଏବେ ଆଣି ଲଗେଇଥିବା ତିନୋଟି ହାଇବ୍ରିଡ ଗୋଲାପଗଛକୁ ଗମଲାସୁଦ୍ଧା କିଏ ଉଠେଇ ନେଇଛି । ସେଥର ନୂଆବର୍ଷଟା ମୋର କେବଳ ମନସ୍ତାପରେ କଟିଲା।



କିଛି ଦିନ ପରେ ମନକୁ ବୁଝେଇ ମୁଁ ପୁଣି ଥରେ ଗଛର ଯତ୍ନରେ ମନ ଦେଲି । ମନ୍ଦାର ଗଛମାନଙ୍କରେ ପ୍ରବଳ ଫୁଲ ଫୁଟୁଥିଲା, ବିଶେଷ କରି ନାଲି ମିଶା ଗୋଲାପି ରଙ୍ଗର ମନ୍ଦାର । ସେ ଗଛରେ ଏତେ ଫୁଲ ଫୁଟୁଥିଲା ଯେ ରାସ୍ତାରେ ଗଲାଅଇଲା ଲୋକ ଦଣ୍ଡେ ଛିଡା ହୋଇ ଅନାଉଥିଲେ ସେ ଗଛକୁ । ମୁଁ ମନେ ମନେ ଭାବୁଥିଲି, କଉ ଜନ୍ମରେ ଗଛଟି ହୁଏତ ମୋର ଧାରୁଆ ଥିଲା , ଏ ଜନ୍ମରେ ଫୁଲ ଦେଇ ସୁଝୁଛି ।ସାମ୍ନା ପଟକୁ , ଗେଟ ପାଖ ପାଚେରୀ କଡରେ ଥିବା ନାଲି ଓ ଫିକା ଗୋଲାପି ରଙ୍ଗର ଦେଶୀ ମନ୍ଦାର ଗଛରେ ଅନେକ ଫୁଲ ଫୁଟୁଥିଲା ସତ , ହେଲେ ସକାଳକୁ ଦୁଇ/ ଚାରୋଟିକୁ ଛାଡି ବାକି ସବୁ ଚୋରି ହୋଇ ଯାଉଥିଲା ।ମୁଁ ସେଇ ଦୁଇ/ ଚାରୋଟି ଫୁଲରେ ଠାକୁରପୂଜା କରୁଥିଲି ସିନା କିନ୍ତୁ କେବେ



ହେଲେ ଅନ୍ୟ ଫୁଲ ଦେହରେ ହାତ ମାରୁ ନ ଥିଲି ବିଶେଷ କରି ସେଇ ଫୁଲ ଭାରରେ ନଇଁ ପଡୁଥିବା ନାଲି ମିଶା ଗୋଲାପି ମନ୍ଦାରଫୁଲ ଗଛରେ । ସେଇ ଗଛରୁ ଫୁଲ ମଧ୍ୟ ଚୋରୀ ହେଉ ନଥିଲା କାରଣ ଗଛଟି ଗେଟ ଠାରୁ ଦୂରରେ , ଘରକୁ ଲାଗି ଥିଲା। ଆଉ ସେପଟ ପାଚେରୀକୁ ଲାଗି ଥିଲା ଆଉ ଗୋଟେ ଘର । ତେଣୁ ଚୋରୀ ହେବାର ସମ୍ଭାବନା ମଧ୍ୟ କମ ଥିଲା ।

ହେଲେ କିଛି ଦିନ ପରେ ମୁଁ ଲକ୍ଷ୍ୟ କଲି , ସେ ଗଛରେ ଖୁବ କମ ଫୁଲ ଫୁଟିଛି । ପ୍ରଥମେ ଭାବିଲି ବୋଧହୁଏ ଖତପାଣି କିମ୍ବା ସାର ଅଭାବରୁ ଗଛରେ କମ ଫୁଲ ଫୁଟୁଛି । ନଚେତ ଗଛଟି ବୁଢା ହେଇଗଲାଣି । ଦିନେ ସନ୍ଧ୍ୟାରେ ମୁଁ କଢ ତକ ଗଣିଲି । ପାଖାପାଖି ଅଣତିରିଶ / ତିରିଶଟି କଢ ଥିଲା ଗଛରେ କିନ୍ତୁ ପରଦିନ ଦେଖିଲା ବେଳକୁ ଗଛରେ ମାତ୍ର ଆଠ/ ଦଶଟି ଫୁଲ ଅଛି । ନିଶ୍ଚୟ କେହି ଫୁଲ ଚୋରୀ କରୁଛି ବୋଲି ନିଶ୍ଚିତ ହେଲା ପରେ ରାଗରେ ମୋ କାନମୁଣ୍ଡରୁ ଧୂଆଁ ବାହାରିଲା । ଗେଟରେ ତାଲା, ପାଚେରୀ ଉପରେ ଲୁହାକଣ୍ଟାର ରେଲିଙ୍ଗ ଲାଗିଛି , ତେବେ ବି ଚୋରୀ ହେଇଯାଉଛି । କାହାର ଏଡେ ସାହସ । ଚୋର ଜଗିବାକୁ ଟିକେ ବେଳସୁ ଉଠିଲି ମୁଁ । କିନ୍ତୁ ଚୋରକୁ ପାଇଲିନି । ସେତେବେଳେକୁ ଫୁଲ ଚୋରୀ ହୋଇ ସାରିଥିଲା । ସତରେ ସେ ଚୋର ଆଖିରେ ନିଦ ନାହିଁ ନା କଣ ! ହେଲେ ସିଏ ଡାଳେ ଡାଳେ ଗଲେ ମୁଁ ପତ୍ରେ ପତ୍ରେ ଯିବା ଲୋକ । ମନେ ମନେ ଚଜିଲି .......ହେଉରେ ପୁଅ ରହ ......

ସେଦିନ ଥାଏ ଶନିବାର । ରବିବାର ଛୁଟି । ମୁଁ ମନେ ମନେ ଠିକ୍ କଲି ଆଜି ରାତିରୁ ଉଠି ଜଗିବି । ଘଡିରେ ତିନିଟାରେ ଆଲାର୍ମ ଦେଇ ଶୋଇଲି । ଆଲାର୍ମ ବାଜିବା ମାତ୍ରେ ଉଠିପଡି, କାଚଘେରା ବାଲକୋନୀରେ ପଡିଥିବା ଚେୟାର ଉପରେ ଚୁପଚାପ ଯାଇ ବସିପଡିଲି । ଚୋର ହୁସିଆର ହୋଇଯିବ ବୋଲି ବାଲକୋନୀର ଲାଇଟ ଜଳେଇନଥାଏ । ମଶା ଖାଇବ ବୋଲି ଗୋଟେ ଶାଲ ଘୋଡେଇ ହୋଇଥାଏ । ଅକ୍ଟୋବର ମାସ ହେବକି କଣ, ସକାଳୁ ଟିକେ ଥଣ୍ଡା ଲାଗୁଥାଏ । ସୁଲୁସୁଲୁ ହୋଇ ବୋହୁଥାଏ ହେମାଳିଆ ପବନ । ସମୟ ଗଡୁଥାଏ, ବସି ବସି ବିରକ୍ତ ଲାଗୁଥାଏ, ନିଦରେ ପତା ମାଡି ପଡୁଥାଏ ମୋର । ତଥାପି ମୁଁ ଚୋର ଧରିବା ନିଶାରେ ଜଗି ବସିଥାଏ । ମନରେ ଆଶଙ୍କା ଆସୁଥାଏ ଏବେ ଯାଏଁ ଚୋର ଆସୁନି କାହିଁକି, ମୁଁ ଜଗିଛି ବୋଲି ସିଏ ଆଉ ଜାଣି ଗଲାକି ? କିନ୍ତୁ କେମିତି ଜାଣିବ ଯେ । ମୁଁ ତ ମୋ ଘରେ, ସିଏ ତା ଘରେ। ମୁଁ ତାକୁ ଧରିବାକୁ ମନସ୍ଥ କରିଥିବା କଥା ତାକୁ କେମିତି ମାଲୁମ ପଡିବ ଯେ ! ମନ ଭିତରେ ଏମିତି ତର୍କବିତର୍କ ଚାଲିଥାଏ । ଖଟ୍ କିନା ଶବ୍ଦଟେ ହେଲା । ମୁଁ ଟିକେ ଉହୁଙ୍କି ପଡି ଚାହିଁଲି ପଦାକୁ । ବାହାରେ ଅନ୍ଧାର ଭିତରେ ଦେଖାଗଲା ଛାଇ ପରି ଜଣେ ମଣିଷ । ସ୍ତ୍ରୀଲୋକଟିଏ । ସିଏ ହାତରେ ଧରିଥିବା ନଗିଟିକୁ ତଳେ ପକେଇଦେଇ ଆଗକୁ ଯାଉଥିଲା । ପାଚେରୀର ଦୁଇଟି କାନ୍ଥ ଯେଉଁଠି ମିଶିଛି, ସେଠି ଅଛି ଗୋଟେ ପିଲାର । ସିଏ ପ୍ରଥମେ ଡିଆଁ ମାରି ଚଢିଗଲା ସେଇ ପିଲାର ଉପରେ । ତାପରେ ପାଚେରି ଉପରେ ଲାଗିଥିବା ମୁନିଆଁ ଲୁହା ରେଲିଙ୍ଗକୁ ଧରି ତା କଡରେ ଥିବା ପତଳା ଜାଗାରେ ଧୀରେ ଧୀରେ ଚାଲିବାକୁ ଲାଗିଲା । ମୁଁ ତାର ସାହସ ଦେଖି ଆଶ୍ଚର୍ଯ୍ୟ ହେଉଥିଲି । ଯଦି ଫୁଟି ଯାଏ ସେଇ ମୁନିଆଁ ଲୁହା ରଡ ଦେହମୁଣ୍ଡରେ ...... । ଓଃ !ସତକୁ ସତ ତାର ଶାଢି ଫସିଗଲା କଣ୍ଟାରେ । ସିଏ ଜମାରୁ ବ୍ୟସ୍ତ ନ ହୋଇ ନଇଁ ପଡି ବାହାରକଲା ଶାଢିକୁ କଣ୍ଟାରୁ ଓ ଆଗେଇଗଲା ମନ୍ଦାରଫୁଲ ଗଛ ଆଡକୁ। ମନ୍ଦାର ଗଛ ନିକଟରେ ପହଞ୍ଚି ଯାଇ ସିଏ ଟକ୍ ଟକ୍ କରି ତୋଳିବାକୁ ଲାଗିଲା ଫୁଲସବୁ ଆଉ ତାକୁ ପୁରେଇଲା ଅଣ୍ଟାରେ ଖୋସା ହୋଇଥିବା ଜରି ଭିତରେ । ଫୁଲ ତୋଳି ସାରି ସିଏ ଯେମିତି ଯାଇଥିଲା ସେମିତି ଫେରିବାକୁ ଲାଗିଲା । ମୋର ଇଚ୍ଛା ହେଉଥିଲା ଦଉଡିଯାଇ ଲାଇଟ ଅନ୍ କରିଦେବାକୁ କିମ୍ବା ଡାକ ପକେଇବାକୁ । ହେଲେ ସେଥିରୁ ବିରତ ହେଲି ମୁଁ, କାରଣ ମୋତେ ଭୟ ଲାଗିଲା ଏମିତି କଲେ ସିଏ ଯଦି ହଡବଡେଇ ଯାଇ ଖସିପଡେ ହୁଏତ ତଳେ ପଡି ମୁଣ୍ଡ ଫାଟିବ ନଚେତ କଣ୍ଟାରେ ପଶି ପ୍ରାଣ ଯିବ ତାର । ସିଏ ତଳକୁ ଓହ୍ଲେଇ ଯେମିତି ତଳେ ପଡିଥିବା ତାର ନଗିକୁ ଉଠେଇଛି ମୁଁ ଲାଇଟ ଅନ୍ କରିଦେଲି ଓ 'କିଏସେ ସେଠି' କହି ବଡ ପାଟିଟେ କଲି ସ୍ତ୍ରୀଲୋକଟି ଥମକି ଛିଡା ହେଇଗଲା । ସାଧା କରି କସ୍ତା ଶାଢିଟିଏ ପିନ୍ଧିଥିଲା ସିଏ । ମୁଣ୍ଡରେ ଥିଲା ଓଢଣା । ଲାଇଟ ତା ମୁହଁରେ ପଡିବାରୁ ମୁଁ ତାକୁ ଚିହ୍ନିଲି। ସିଏ ଥିଲା ସର । ବୟସ ପାଖାପାଖି ପଞ୍ଚାବନ/ ଛପନ । ଆମ କଲୋନୀରେ ସିଏ ବାସନମଜା, ଓଳାଝଡା କମ କରୁଥିଲା । ରହୁଥିଲା ଆମ ଘର ପଛପଟେ ଥିବା ବସ୍ତିରେ । ଆମ ଘର ଦେଇ କଲୋନୀ ଭିତରକୁ ଯିବାର ଅନେକ ଥର ଦେଖିଛି ମୁଁ ତାକୁ । ମୁଁ ତାକୁ ବଡ ପାଟି କରି କହିଲି, "ଆମେ କଣ ଫୁଲ ଗଛ ଲଗେଇଛୁ ତୁମ ପାଇଁ ? ତୁମେ ଏମିତି ଘରେ ପଶି ଫୁଲ ଚୋରୀ କରୁଛ ! ରୁହ ତୁମକୁ ପୋଲିସରେ ଦେଉଛି ।" ପୋଲିସ ନାଁ ଶୁଣି ସିଏ ଡରିବ କଣ ଓଲଟି ମୋତେ ଉତ୍ତର ଦେଲା, "ଫୁଲସବୁ ତ ଗଛରେ ଶୁଖୁଛି । ମୁଁ ନେଲି ତ କଣ ହେଲା ସେଇଠୁ ! ମୁଁ ନେଲେ ଠାକୁରଙ୍କୁ ଲାଗି ହବ, ଗଛରେ ଶୁଖି ଲାଭ କଣ ? ଆଉ କଣଟା ମୁଁ ତୁମ ଘରୁ ଚୋରି କରି ନେଇଗଲି ଯେ ମୋତେ 'ପୁଲିସରେ ଦବ' କହି ଧମକାଉଛ । ଫୁଲଚୋରି କଣ ଚୋରି ?" କହି ସାରି ସିଏ ସେଠୁ ଚାଲିଗଲା । ମନେ ମନେ ମୁଁ ଭାବିଲି , "ସତରେ ଚୋର ମୁହଁ ଟାଣ" ତାକୁ କିଛି କହିବା ପାଇଁ ମୋ ମୁହଁରେ ଭାଷା ନଥିଲା ।

ପରେ ମୁଁ ଶୁଣିଲି, ଆଜିକାଲି ଲୋକମାନେ ପଇସା ପାଇଁ ଏତେ ବିକଳ ଯେ ଘର ସାମ୍ନାରେ ଜାଗା ଟିକେ ରଖୁନାହାନ୍ତି ଗଛବୃକ୍ଷ ଲଗେଇବା ପାଇଁ । ଘର ତିଆରି କରି ଭଡା ଦେଲେ ପଇସା ରୋଜଗାର ହେବ । ସେ ତୁଚ୍ଛା ଗଛରୁ କଣ ମିଳିବ ଯେ ..... ଅଧିକାଂଶ ଲୋକଙ୍କର ଧାରଣା ଏମିତି । ଆଉ 'ସର' ପରି ସ୍ତ୍ରୀଲୋକମାନେ ପରଘରୁ ଫୁଲ ଚୋରୀ କରି ଯୋଗାଇ ଦିଅନ୍ତି ଏମାନଙ୍କୁ ଠାକୁରପୂଜା ପାଇଁ । ଆଉ ତା ବଦଳରେ ତାଙ୍କୁ ମାସିକିଆ ପଇସା ମିଳେ, ଦୁଇଶହ / ତିନିଶହ ଟଙ୍କା ।

ଏବେ ମୁଁ ଆସି ପହଞ୍ଚି ଯାଇଥିଲି ବ୍ଲୁମଫିଲ୍ଡ ଏଭେନ୍ୟୁ ରାସ୍ତା ନିକଟରେ ଯେଉଁଠି ରାସ୍ତାଧାରରେ ବଡ ବଡ ଅକ୍ଷରରେ ଲେଖା ନେଓ୍ୱାର୍କ ଏଣ୍ଡ ପମ୍ପଟନ ଟର୍ନପାଇକ। ଆଗକୁ ରାସ୍ତା କୁଆଡେ ଯାଇଛି ମୁଁ ଜାଣିନି। ଆଉ ଟିକେ ପରେ ଝିଅ ଘରକୁ ଆସିଯିବ। ତେଣୁକରି ମୁଁ ଘରକୁ ଫେରିବାକୁ ସ୍ଥିର କଲି। କିନ୍ତୁ ଏବେବି ମୋ ମୁଣ୍ଡରେ ଘୁରି ବୁଲୁଥିଲା ଗୋଟିଏ କଥା, ସତରେ କଣ କେଇଖଣ୍ଡ ଚାଖଣ୍ଡେ ଲମ୍ବର କାଠ ଓ ଦୁଇଟି ବାକ୍ୟ ଲେଖିଥିବା ପୋଷ୍ଟକାର୍ଡ ପରି ଖଣ୍ଡେ ପଟା ଏତେ ସୁରକ୍ଷା ଦେଇପାରେ ଗୋଟେ ଘରକୁ !

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

**ପଢିବା ପରେ**

# ଶାନ୍ତ ସଂବେଗର ମଧୁଗନ୍ଧରେ ଆପ୍ଲୁତ ଶରତଙ୍କର 'ଦୂର ଦିଗନ୍ତର ଦୃଶ୍ୟ'

"କବିତା ମୋ ହୃଦୟର ସ୍ପନ୍ଦନ। ଶବ୍ଦ ମାନଙ୍କର ରୁଣୁଝୁଣୁ ମୂର୍ଚ୍ଛନାରେ କେତେବେଳେ ମୁଁ ହୁଏ ବିମୋହିତ ତ ଆଉ କେତେବେଳେ ନିଜକୁ ହଜେଇ ଦିଏ ଭାବନାର କେଉଁ ଅନାବିଷ୍କୃତ ରାଜ୍ୟରେ। ବେଳେବେଳେ ବିସ୍ମିତ ହୁଏ ପ୍ରଚଳିତ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ।

\+ + +

କଳ୍ପନାଠାରୁ ମୋତେ ଅଧିକ ଭଲଲାଗେ ବାସ୍ତବ ଜୀବନର ନିଛକ ଛବି। ମୋ ଆଖି ପହଁରିଯାଏ ସେହି ଇଲାକାକୁ ଯେଉଁଠି ଜହ୍ନରାତିର ଆଲୁଅ ନଥାଏ ବରଂ ଅମାବାସ୍ୟାର ମେଂଚା ମେଂଚା ଅନ୍ଧକାର ଲହଡ଼ି ଭାଙ୍ଗୁଥାଏ। ସେହି ବହଳ ଅଂଧାର ଭିତରେ ନିଜକୁ ଅନେକ ପ୍ରଶ୍ନ ପଚାରେ ଓ ବାଟ ଖୋଜେ ଚାଲିବାକୁ ଏକା ଏକା।"

ଏମିତି ଗୋଟେ ମନଖୋଲା କଥା 'କିଛି କଥା' ଶୀର୍ଷକରେ ଲେଖିଛନ୍ତି କବି ଶରତ କୁମାର ଦାସ ତାଙ୍କ କବିତା ବହି 'ଦୂର ଦିଗନ୍ତର ଦୃଶ୍ୟ'ର ମୁଖବନ୍ଧରେ।

ସତରେ କବିତା ଗୋଟେ କଅଁଳ ଉଚ୍ଚାରଣ। ଅଥଳ ସମୁଦ୍ରର ଗୁରୁଗର୍ଜନ ଶବ୍ଦ କବିର କର୍ଣ୍ଣ ଗହ୍ୱରରେ ଧସେଇ ପଶିଲେ ବି ଝରଣା ପରି କୁଳୁକୁଳୁ ନିନାଦିନୀ ଶବ୍ଦ ସିଏ ଖଂଜିଦିଏ କବିତାରେ। ସମ୍ବେଦନଶୀଳତା ତାର ଧର୍ମ। ସେଇ ସମ୍ବେଦନଶୀଳତା ସହିତ ନୂଆ ସମ୍ଭାବନାଟିଏ ମଧ୍ୟ ଗଢ଼ିବ ସେ କବି। ଦୂର ଦିଗନ୍ତର ଦୃଶ୍ୟାବଳୀକୁ ଶବ୍ଦରେ ସଜେଇ ସିଏ ଗଢ଼ିପାରେ ସପ୍ତରଙ୍ଗୀ ତୋରଣ ଯାହା ମନନଶୀଳ ପାଠକଙ୍କ ମନରେ ତିଆରି କରିପାରେ ଭାବାନ୍ତର। ସମ୍ପର୍କହୀନ ସମୟ ଓ ପ୍ରେମହୀନ ଜୀବନରେ କବି ହିଁ ଭରିଦେଇପାରେ ଦିଗନ୍ତର ରଂଗ।

'ପଦ୍ମରାଗ'ଠୁ ଆରମ୍ଭ କରି 'ପ୍ରତୀକ୍ଷା' ଯାଏ ସମୁଦାୟ ୬୬ଟି କବିତାରେ କବି ଶରତ କୁମାର ଭରି ଦେଇଛନ୍ତି ଗୋଟେ ମଧୁମୟ ମାଧୁରିମା। ଗୀତିମୟତା ତାଙ୍କ କବିତାକୁ ଦେଇଛି ଜୀବନ୍ମୟତା।

ଫଗୁଣର ଫୁଲବନ ଶିହରିତ
ପ୍ରୀତି ପଦ୍ମରାଗ ଧରି
ଉଇଁଲେଣି ଭାନୁ ପ୍ରାଚୀ ଚକ୍ରବାଳେ
ପ୍ରଣବଝଙ୍କାର ଭରି। (- ପଦ୍ମରାଗ)

କେତେବେଳେ ମହାର୍ଘ ଜୀବନ ଦର୍ଶନର ପରିବ୍ୟାପ୍ତ ପରିଭାଷା ତ କେତେବେଳେ ପ୍ରୀତିର ଉନ୍ମାନଃ ଶାଶ୍ୱତ ଭାବନା, କୋଉଠି ପାହାଡ଼ିକନ୍ୟାର ଅସୁମାରି କୋହ ତ କୋଉଠି ଦୂର ଦିଗନ୍ତର କ୍ରୁର ଆର୍ତ୍ତନାଦରେ ଅବରୁଦ୍ଧ ହେଉଛି ମଧୁସୃଜନ। ରହସ୍ୟ ଭେଦ କରିବାର ଅଭୀପ୍ସା ସବୁଠି, ସବୁ କବିତାରେ।

ଦୂର ଦିଗନ୍ତର ଦୃଶ୍ୟରେ କବି ଦେଖିଛନ୍ତି ତମସ୍ରାରେ ଘେରା ମାଟିରୁ ଆକାଶ, ଦେଖିଛନ୍ତି ବିନ୍ଦୁ ବିନ୍ଦୁ ଝରିଯାଉଥିବା ବର୍ଷା, ମୃଦୁ ସମୀରଣର ସ୍ପର୍ଶ ଭିଜା ମାଟିର ବାସ୍ନା। ଦେଖିଛନ୍ତି ଅଶ୍ରୁଧାରରେ ଭିଜିଥିବା ତାରା ଭରା ରାତି। ଯୋଉଠି ସ୍ୱପ୍ନ ହଜେ, କୋହର ଲହଡ଼ି ଭାଙ୍ଗେ, ଦିବ୍ୟ ଚେତନାର- ଅପୂର୍ବ ମହକରେ ବୋଳି ହୋଇଯାଏ ଶୀତଳ ଚନ୍ଦନ।

କବି ଲେଖନ୍ତି ସୁନ୍ଦର ଏକ ପଙ୍କ୍ତି-

ଶୁଭ ପ୍ରଭାତର ପ୍ରଣବ ଝଙ୍କାର
ତ୍ୟାଗ ତିତିକ୍ଷାରେ ଭରା
ଶଙ୍ଖ ହୁଳହୁଳି ବିମୋହିତ କରେ
ପୁଣ୍ୟଭୂଇଁ ବସୁନ୍ଧରା
ଆଶାର କଦମ୍ବ ଫୁଟେ
କଳାଛାଇ କାନ୍ଦେ ଗୁମୁରୁ ଗୁମୁରି
ପ୍ରୀତିର ଜୁଆର ଛୁଟେ।
( ଦୂର ଦିଗନ୍ତର ଦୃଶ୍ୟ)

ସରଳ ଭାଷାରେ କହିଲେ କବିତାରେ ପ୍ରକାଶିତ ହୋଇଥାଏ ଜଗତ ଓ ଜୀବନ ସମ୍ପର୍କୀୟ ମୂଲ୍ୟବୋଧ ବା ଦୃଷ୍ଟିଭଙ୍ଗୀ। ଏହି ମୂଲ୍ୟବୋଧ ଯେତିକି ସ୍ୱଚ୍ଛ, ଯେତିକି ସ୍ପର୍ଶଶୀଳ,



ଯେତିକି ସାନ୍ଦ୍ର କବିତା ସେତିକି ପ୍ରାଣସ୍ପର୍ଶୀ। କାଶତଣ୍ଡୀର ହସ ଭିତରେ ତନ୍ମୟର ସପ୍ତରାଗ ହିଁ ପହଞ୍ଚେଇ ଦେଇପାରେ ଶେଷହୀନ କ୍ଲାନ୍ତି ପାଖରେ। ଆକାଶ ପଥେ ଚକାଭଉଁରୀ ଖେଳି କୋଣାର୍କ ଗଢ଼ିବାର ସ୍ୱପ୍ନ ପାଖରେ ଅଟକି ରହେନାହିଁ କବିର ଆହତ ତାରୁଣ୍ୟ। ଇନ୍ଦ୍ରଧନୁର ସପ୍ତରଂଗରେ ଝଲସି ଉଠେ ଜୀବନ। କବି ଶରତ କୁମାର ଲେଖନ୍ତି-

ମନେ ଭରିଦିଏ ଅମୃତର ଶାନ୍ତି
ଆକାଶର ସ୍ନିଗ୍ଧ ମୁଖ
ନିର୍ମଳ ପ୍ରଶସ୍ତ ସୁନୀଳ ବୁକୁରେ
ଧରିଛି ଅମାପ ସୁଖ । (ଆକାଶ ପଥେ)
\+ + + +
ସାତସୁରେ ବଂଧା ଜୀବନର ଛନ୍ଦ
କବଳିତ କାଳ ବେଳ
ଜୀବନର ଯେତେ ଅବୁଝା ଭଗ୍ନାଂଶ
ଚକା ଭଉଁରୀର ଖେଳ। (ଚକା ଭଉଁରୀ)

କବି ବେଳେବେଳେ ଗାଆନ୍ତି ଜହ୍ନଆଲୁଅର ଗୀତ। ସେଇ ଗୀତରୁ ଝରୁଥାଏ ନୀଳଜହ୍ନର ଶୀତଳ ଜ୍ୟୋତ୍ସ୍ନା। ବିଛାଡ଼ି ହୋଇପଡ଼େ କଇଁର ମନମୋହନ ବାସ୍ନା। କବି ଶରତ କୁମାର ନିଜେ ତଲ୍ଲୀନ ହୋଇଯାଆନ୍ତି ଜହ୍ନଆଲୁଅରେ ଭିଜିଲା ବେଳେ।

ସେଇଥିପାଇଁ ସିଏ ଲେଖନ୍ତି-

ତାରାଫୁଲେ ମେଳେ ଚାନ୍ଦ ହସୁଥାଏ
ପୂର୍ଣ୍ଣମୀର ପୁଣ୍ୟ ତିଥେ
ରଜତଧବଳ ଜ୍ୟୋତ୍ସ୍ନାର ସମ୍ଭାର
ଝରୁଥାଏ ପୃଥ୍ୱୀ ହିତେ
ତମେ ଖୋଜୁଥାଅ ଚମକ ଚାନ୍ଦିନୀ
ସଦା ବିହ୍ୱଳିତ ଚିତ୍ତେ
ତନ୍ମୟ ତଲ୍ଲୀନେ ମୁଁ ଯେ
ଝୁମୁଥାଏ, ଜହ୍ନ ଆଲୁଅର ଗୀତେ।
(ଜହ୍ନ ଆଲୁଅର ଗୀତ)

ସବୁ କବିତାରେ କବି ନିଜେ ଦିଶନ୍ତି। କବିଙ୍କର ଅନୁଭବ ଦିଶେ ଭାରି ସ୍ନିଗ୍ଧ ଓ ପ୍ରାଞ୍ଜଳ। କଳ୍ପନା ବିଳାସ ନୁହେଁ ଅନୁଭୂତିର ଅନୁଭବ ନେଇ କବି ଶରତ କୁମାର ଏକ ଗୀତିମୟ ତାର ପୃଥିବୀରେ ପଦାଚାରଣ କରନ୍ତି। ସବୁଠି ଦୃଶ୍ୟମାନ ହୁଏ ଗୋଟେ ଅଭିଜ୍ଞତା। ସିଏ ଲେଖନ୍ତି-

ଅଜଣା ପଥିକ ଭଗ୍ନ ପାନ୍ଥଶାଳା
ପଥ ହଜି ହଜି ଯାଏ
ସମ୍ପର୍କର ସ୍ୱର ବେସୁରା ମଲ୍ଲାର
ପରିଚୟ ଲିଭିଯାଏ। (ଅନ୍ୱେଷଣ)

କବି ଦେଖନ୍ତି ବସନ୍ତକୁ ଫଗୁଣର ଦୋଳିରେ, ଫୁଲ ବଗିଚାର ମଧୁପ ଗୁଂଜନ ଭିତରେ, ଯୋଉଠି ପ୍ରେମରତ୍ନ ଛୁଇଁଦିଏ ଛାତି। ସ୍ୱପ୍ନ କିନ୍ତୁ ଥାଏ, ଏ ମାଟିରୁ ଦୂରହେଉ ଆତଙ୍କର ଛବି, ଆକାଶରେ ଖେଳୁ ରୂପାଜହ୍ନ, ରାଗକ୍ରୋଧ ଦୂରେ ଯାଉ, ଅନ୍ତରରେ ଶୁଭୁଥାଉ ମାନବବାଦର ଦିବ୍ୟ କୋଳାହଳ।

ସଂପ୍ରତି ଆଧୁନିକ କବିତାର ଉତ୍ତାଳ ଢ଼େଉରେ ଛନ୍ଦଯୁକ୍ତ କବିତାର ପାଦଚିହ୍ନ ସମୟର ବେଳାଭୂମିରୁ ଉଭାନ ହୋଇ ଯାଉଥିବା ପରିପ୍ରେକ୍ଷୀ କବି ଶରତ କୁମାର ଦାସ ଯେଉଁ ଗୀତି କବିତାର ଗୀତିମୟତା ଭିତରେ ପାଠକଙ୍କୁ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି ତାହା ଅନନ୍ୟ। ଛନ୍ଦଯୁକ୍ତ କବିତାର ପରମ୍ପରାର ଧାରାକୁ ଉଜ୍ଜୀବିତ କରି ରଖିବା ଲକ୍ଷ୍ୟରେ ବେଶ୍ ସରଳ, ତରଳ, ଛଳଛଳ ଶବ୍ଦ ଗୁମ୍ଫନରେ ନିଜ କବିତାକୁ ଉତ୍ତୀର୍ଣ୍ଣ କରାଇଛନ୍ତି କବି ଶରତ କୁମାର, ଯାହା ତାଙ୍କ କବିତାର ଶୀର୍ଷକରୁ ହିଁ ଜଣା ପଡ଼ିଯାଏ। ସମୁଦ୍ରର ଶୋଷ, ଝରାଫୁଲର ଲୁହ, ନିରୁଦ୍ଦିଷ୍ଟ, ଅସ୍ତସୂର୍ଯ୍ୟର ରଂଗ, ଅବ୍ୟକ୍ତ ଅନୁରାଗ, ମଲାଜହ୍ନର ଗୀତ, ମେଘ ଫୁଲ, ବର୍ଷା ଭିଜା ରାତି, ଦଗ୍ଧ ଉପବନ, ଅଭିମାନିନୀ ମୌସୁମୀ, ଅଦୃଶ୍ୟ ଆତଙ୍କ, ରଂଗଶାଳା, ସ୍ମୃତି ତମେ, ଅସ୍ପଷ୍ଟ ଅନୁରକ୍ତି, ଅଫେରା ବାଟର ଯାତ୍ରୀ, ପ୍ରୀତିଛନ୍ଦା, ଦାଦନ କାନ୍ଦୁଛି ଦୂରେ, ନଈ ସେପାରିର ଦୃଶ୍ୟ, ପ୍ରୀତି ପାର୍ବଣ, ଆଲୋକର ପର୍ବ, ଜାଗରେ ତରୁଣ, ଅଗ୍ନିପଥ, ଉତ୍ତରଣ, ଈଶ୍ୱର, ପ୍ରବାସୀ, ନୀଳପ୍ରେମିକା, ଶେଷ ଠିକଣା, ମିଛ ସମ୍ପର୍କ, ଅଦିନ ଝଡ଼, ବିରହିଣୀ ଧରା, ଧୂସର ବଳୟ ଓ ପ୍ରତୀକ୍ଷା ଆଜି ୬୬ଟି କବିତାର ସମାହାର ବହିଟିରେ।

ଜାଗରେ ଜାଗରେ ତରୁଣ ଆଜିରେ
ଗାଅରେ ମୁକ୍ତିର ଗୀତ
ଭାଙ୍ଗରେ ଭାଙ୍ଗରେ ବିଭେଦ ପ୍ରାଚୀର
ପୁଲକିତ ହେଉ ଚିତ୍ତ
ପ୍ରତ୍ୟୟର ପୁଷ୍ପ ଫୁଟୁ
ସାମ୍ୟ, ମୈତ୍ରୀ ପୁଣି ଭ୍ରାତୃତ୍ୱର ବାସ
ମହମହ ହୋଇ ଛୁଟୁ।
( ଜାଗରେ ତରୁଣ)

ଏଠାରେ କବି କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ପାଖରେ ଅଟକି ନାହାନ୍ତି, ତାଙ୍କର କାବ୍ୟଚେତନା ନିବିଡ଼ ବ୍ୟକ୍ତିଗତ ପୃଥିବୀରେ ବାସ କଲାଭଳି ଯାହା ଯାହା ତାଙ୍କ ମନ ଭିତରକୁ ଆସିଛି, ଯାହାକୁ ସେ ଭେଟିଛନ୍ତି ସେଇ ସବୁ ଅନୁଭବକୁ ସାବଲୀଳ ଢ଼ଙ୍ଗରେ ନିଜସ୍ୱ ଭଂଗୀରେ ଉଚ୍ଚାରଣ କରିଛନ୍ତି।

'ଦୂର ଦିଗନ୍ତର ଦୃଶ୍ୟ'କୁ ପାଠକଲେ ଜଣେ ସଚେତନ କାବ୍ୟମୋଦୀ ପାଠକ ଶାନ୍ତ ସଂବେଗର ମଧୁଗନ୍ଧରେ ଆପ୍ଲୁତ ହେବ ନିଶ୍ଚୟ। ହେଇପାରେ ଏହା ଏକ ସମ୍ମୋହନ ଅବା ସମର୍ପଣ। କବି ଶରତଙ୍କର ସାବଲୀଳ କଥନ ଭଙ୍ଗୀ, ଗୀତିମୟତା, ସହଜ ସରଳ ଛନ୍ଦଯୁକ୍ତ ଶବ୍ଦବିନ୍ୟାସ ସଂକଳନଟିକୁ ବେଶ୍ ଆକର୍ଷଣୀୟ କରିଛି। ବିଶେଷ କରି ମାନବିକ ମୂଲ୍ୟବୋଧ, ଜୀବନର ବୌଦ୍ଧିକ ଦର୍ଶନ, ସାମାଜିକ ସଂକଟ, ରୋମାଣ୍ଟିକ ଦୃଷ୍ଟିଭଙ୍ଗୀ ବହିଟିକୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ ପାଠକର ହୃଦୟ ଭିତରେ ଆତ୍ମସ୍ଥ ହେବାର ପ୍ରତୀକ୍ଷା ରଖେ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୩ ଜୁଲାଇ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

ସ୍ମରଣୀୟେଷୁ

# ଜାତୀୟତାର ଜୀବନ୍ତ ପ୍ରତୀକ : ଉତ୍କଳମଣି



♥ ବିଚିତ୍ରାନନ୍ଦ ପ୍ରଧାନ

ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି" ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ୍ୟ ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ।

ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ।

ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।

♥ ସେକ୍ଟର -୯, ସିଡିଏ, କଟକ
(ମୋ) : ୯୯୩୭୨୨୪୦୮୫

# ବାଲ୍ୟ ବିବାହ ଓ ସ୍ୱାସ୍ଥ୍ୟ ସମସ୍ୟା



ଡାକ୍ତର୍ କାନ୍ତୀ ନାୟକ

**କିଶୋରୀ ଝିଅ ମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ନିକଟସ୍ଥ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ଗାଁ ଗହଳିରେ ଅଣତାଲିମ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ପରେ ସେପ୍ଟିକ ଆବୋରସନ୍‌ର ଶିକାର ହୁଅନ୍ତି।**

ଆଜିର ସମୟରେ ଏକ ପ୍ରକାର ପୂର୍ବ ପ୍ରଥା କୁହାଯାଉଥବା ବାଲ୍ୟ ବିବାହ ମଧ୍ୟ ଗୋଟିଏ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେଉଛି। ବାଲ୍ୟ ବିବାହକୁ ନେଇ କେତେକ କ୍ଷେତ୍ରରେ ଝିଅଟି ପ୍ରଶାସନର ସାହାରା ନେଇ ନିଜ ଗୋଡରେ ପ୍ରଥମେ ଛିଡ଼ାହୋଇ ପରବର୍ତ୍ତୀ ସମୟରେ ବିବାହ ପରି ଏକ ମାଙ୍ଗଳିକ ବିଧି ବ୍ୟବସ୍ଥରେ ନିଜକୁ ସାମିଲ କରୁଛି। ଅନେକ ହୁଏତ ଜାଣିନାହାଁନ୍ତି ଯେ ସମଗ୍ର ପୃଥିବୀର ସର୍ବମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି କିଶୋରୀ। ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଭାରତରେ ୧୦-୨୦ ବର୍ଷ ମଧ୍ୟରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି। ଦୁଃଖଦ ଚିତ୍ରର ସଙ୍କେତଟି ହେଉଛି ଏହା ଯେ, ସେମାନଙ୍କ ମଧ୍ୟରୁ ୨୦ ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଞ୍ଛିତ ହୋଇଥାଏ। ଭାରତରେ ପ୍ରତି ବର୍ଷ ୩୦ ଲକ୍ଷ କିଶୋରୀ କନ୍ୟା ବିବାହ କରିଥାନ୍ତି ଏବଂ ସେମାନଙ୍କ ଭିତରୁ ଶତକଡ଼ା ୪୩ ଭାଗ ମୃତ୍ୟୁ ଗର୍ଭ ଯନ୍ତ୍ରଣା ଓ ଅସମୟରେ ସନ୍ତାନ ପ୍ରସବଜନିତ କାରଣରୁ ହୋଇଥାଏ।

କିଶୋରୀ ଝିଅ ମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ନିକଟସ୍ଥ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ଗାଁ ଗହଳିରେ ଅଣତାଲିମ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ପରେ ସେପ୍ଟିକ ଆବୋରସନ୍‌ର ଶିକାର ହୁଅନ୍ତି। ଏହି ନକଲି ଡାକ୍ତରମାନେ ହଜାର ହଜାର ସଂଖ୍ୟାର କିଶୋରୀ ମାନଙ୍କ ଜୀବନକୁ କ୍ଷତାକ୍ତ ଓ ଯନ୍ତ୍ରଣାଦାୟକ କରିବାରେ ସହାୟକ ପାଲଟିଥାନ୍ତି। ଅନେକ ମୃତ୍ୟୁମୁଖରେ ପଡ଼ିଥାନ୍ତି ତ ଆଉ କେତେକ ଆଜୀବନ ନିଜର ଜରାୟୁ ହରାଇଥାନ୍ତି। କେତେଜଣଙ୍କର ମଧ୍ୟ ବନ୍ଧ୍ୟାଦୋଷ, ବାରମ୍ବାର ଗର୍ଭପାତ ଓ ଅପରିଣତ ପ୍ରସବ ହୋଇଥାଏ। ତେବେ ଏହା ହିଁ ସବୁଠାରୁ ଅଭାବନୀୟ ଘଟଣା। ଏହି ସମୟରେ ଝିଅଟି ତା ଶରୀରର ପ୍ରତିପୋଷଣ ଓ ପରିବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ହେଉଥିବା ବେଳେ ପିଲାଟି ପାଇଁ ମଧ୍ୟ ପୁଷ୍ଟିକର ଖାଦ୍ୟର ଦରକାର ହୋଇଥାଏ। ଏହି ସମୟରେ ଝିଅଟିର ଶରୀରର ବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଦରକାର ହେଉଥିବାବେଳେ ଶିଶୁଟି ପାଇଁ ମଧ୍ୟ ପୁଷ୍ଟିକର ଖାଦ୍ୟ ଆବଶ୍ୟକ ହୋଇଥାଏ। ଯାହାକି ରକ୍ତହୀନତା ରୋଗର ସୃଷ୍ଟି କରିଥାଏ। ପ୍ରସବ କଷ୍ଟସାଧ ହୋଇଥାଏ। ସିଜରିଆନ୍ କରାଯାଏ। ଫଳରେ ଅଳ୍ପ ଓଜନର ଶିଶୁ ହୁଏ। ତେଣୁ ଶିଶୁ ମୃତ୍ୟୁହାର ଅନେକାଂଶରେ ବଢ଼ିଯାଏ। ଏଠାରେ ସୂଚାଇ ଦେଉଛି କି ଯେ, ଜଣେ ବିବାହିତା କିଶୋରୀ ଗର୍ଭାବସ୍ଥା ଓ ପ୍ରସବକୁ ଆନନ୍ଦର ସହ ଗ୍ରହଣ କରୁଥିବା ସମୟରେ ବାଲ୍ୟ ବିବାହ କରିଥିବା ଝିଅଟିଏ ପାଇଁ ଏହା ମାନସିକ ଦୁଷ୍ଚିନ୍ତାର କାରଣ ହୋଇଯାଏ। ନିଜ ଜୀବନର କଷ୍ଟଦାୟକ ମୁହୂର୍ତ୍ତକୁ ସାମ୍ନା କରୁଥିବାବେଳେ ସେ ଆନନ୍ଦ, କ୍ରୋଧ, ମାନସିକ ଅବସାଦ ଦେଇ ଗତିକରେ। ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମନେ ରଖନ୍ତୁ ଜଣେ ଗର୍ଭବତୀ ହେବାପରେ ନିଜର ପରିଚିତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହୁଅନ୍ତୁ ବା ସରକାରୀ ଡାକ୍ତରଖାନା ସେଠାରେ ନିୟମିତ ବ୍ୟବଧାନରେ ବିଶେଷଜ୍ଞ ଡାକ୍ତରଙ୍କ ସହଯୋଗରେ ଗର୍ଭାବସ୍ଥାରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ରକ୍ତଚାପ ଆଦି ପରୀକ୍ଷା କରାଇନେବା ଜରୁରୀ। ଏହାଛଡ଼ା ସୁଷମଖାଦ୍ୟ ଓ ଆଇରନ, କ୍ୟାଲସିୟମ ଖାଇବା ପାଇଁ ପରାମର୍ଶ ଦେବା ଉଚିତ।

ଏକ ଦୁଃଖଦ ଘଟଣାକ୍ରମଟି ହେଉଛି ଏୟା ଯେ, କମ୍ ବୟସରେ ପହଞ୍ଚିଥିବା କିଶୋରୀଟି ନିଜ ଜୀବନ ଓ ଦୁନିଆକୁ କିଛି ବୁଝିବା ପୂର୍ବରୁ ହିଁ ସେ ଅସମୟରେ ଗର୍ଭବତୀ ହୋଇ ଯେଉଁ ସନ୍ତାନଟିକୁ ଜନ୍ମ ଦେଇଥାଏ। ଏହି କମ୍ ବୟସରୁ ମା' ବନିଥିବା ଅଳ୍ପ ବୟସର ଗର୍ଭବତୀଙ୍କ ପ୍ରସବ ସମୟରେ ଅନେକ ଜଟିଳତା ଦେଖାଦିଏ। କେତେକ କ୍ଷେତ୍ରରେ ପ୍ରସୂତୀଟି ନିଜ ପିଲାଟିକୁ ଜନ୍ମ ଦେବା ପରେ ଦେହରୁ ଅଧିକ ରକ୍ତକ୍ଷରଣ ହୋଇଥାଏ ଓ କେତେକ କ୍ଷେତ୍ରରେ ମଧ୍ୟ ଏହା ସେପ୍‌ସିସ୍‌ର ଭୟ ରହିଥାଏ। ଏହାଛଡ଼ା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ମା'ଟିକୁ ଉପଯୁକ୍ତ ପରାମର୍ଶ ଦେବା ଜରୁରୀ। ପ୍ରସବ ପରେ ପୁଣିଥରେ ଗର୍ଭଧାରଣ ନକରିବା ପାଇଁ ଝିଅଟିକୁ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରୋତ୍ସାହନ ଦେବା ଉଚିତ। ଆଜିର କ୍ରାନ୍ତିକାରୀ ସ୍ୱାସ୍ଥ୍ୟ ବିଜ୍ଞାନର ଯୁଗରେ କମ ବୟସରେ ମା'ହେଉଥିବା କିଶୋରୀଟି ପାଇଁ ତା ଦୁନିଆଟି ଯେ କେତେ ଦୁଃଖଦ ପାଲଟି ଯାଏ ତାହା ମଧ୍ୟ ଏକ ବହୁତ ବଡ଼ ଘଟଣାର ଆହ୍ୱାନ!! ଓଡ଼ିଶା ସରକାର ସ୍ତ୍ରୀ ଓ ପ୍ରସୂତୀରୋଗ କ୍ଷେତ୍ରରେ ଅନେକ ପ୍ରୋତ୍ସାହନ ଓ ସହାୟତା ଦେଉଛନ୍ତି। ଜଣେ ମହିଳା ବା କିଶୋରୀ ଗର୍ଭବତୀ ହେବା ସମୟରୁ ହିଁ ସେମାନେ କିପରି ଉତ୍ତମ ପୁଷ୍ଟିକର ଖାଦ୍ୟ ଖାଇବେ, ସେମାନଙ୍କ ଭିତରେ କିପରି ସଚେତନତା ବଢ଼ିବ ଏବଂ ସେହିମାନେ ହିଁ ଆଜିର ଯୁଗରେ କୁସଂସ୍କାରକୁ ଦୂରେଇ ପାରିବାରେ ମଧ୍ୟ ସାମର୍ଥ୍ୟ ରଖିବେ। ସରକାରଙ୍କ ସମସ୍ତ ଡାକ୍ତରଖାନା ପିଏସ୍‌ସି ହେଉ ବା ସିଏସ୍‌ସି, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ବଡ଼ମେଡ଼ିକାଲ ସବୁଠି ବିନା ମୂଲ୍ୟରେ ଚିକିତ୍ସା, ପରାମର୍ଶ ଓ ସହାୟତା ଗ୍ରହଣ କରନ୍ତୁ। କୌଣସି କାନକୁହା କଥା ଶୁଣି କୌଣସି ପଦକ୍ଷେପ ନିଅନ୍ତୁ ନାହିଁ। ଓଡ଼ିଶାର କିଛି ସୀମାନ୍ତ ଓ ଜଳଭଣ୍ଡାର କ୍ଷେତ୍ରର ସ୍ଥାନୀୟ ମହିଳା ମାନଙ୍କ ପାଖକୁ କିପରି ସରକାରଙ୍କ ସ୍ୱାସ୍ଥ୍ୟ ଓ ପ୍ରସୂତୀର ସହାୟତା ମିଳିପାରିବ ସରକାର ସେ ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି। ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଓ ବୋଟ ଆମ୍ବୁଲାନ୍ସର ସୁଯୋଗ ମଧ୍ୟ ସରକାର ରାଜ୍ୟବାସୀଙ୍କୁ ଯୋଗାଇ ଦେଇଛନ୍ତି।

♥ ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର



♥ ଡ. ଲକ୍ଷ୍ମଣ ସାହୁ

'ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍ /ସୀତା ସମାରୋପିତ ବାମଭାଗମ୍ / ପାଣୌ ମହାଶାୟକ ଚାରୁଚାପମ୍ / ନମାମି ରାମଂ ରଘୁବଂଶନାଥମ୍ ।'

ଭଗବାନ ଶ୍ରୀରାମଙ୍କ ନାମ ଠାରୁ ବଡ କେହି ନାହାଂତି । ରାମ' ଦୁଇଟି ମୂଳ ସଂସ୍କୃତ ଶବ୍ଦ 'ରମ୍' ଓ 'ଘମ୍'ରୁ ଉତ୍ପନ୍ନ। 'ରମ୍' ଅର୍ଥ ହେଉଛି 'ଆନନ୍ଦିତ' ହେବା ବା ନିହିତ ହେବା । ସେହିପରି 'ଘମ୍'ର ଅର୍ଥ ହେଉଛି 'ବ୍ରହ୍ମାଣ୍ଡର ଖାଲି ସ୍ଥାନ'। ତେଣୁ 'ରାମ'ର ଅର୍ଥ ହେଉଛି ସମଗ୍ର ବ୍ରହ୍ମାଣ୍ଡରେ ନିହିତ ହେବା । ଶାସ୍ତ୍ରରେ ଲେଖାଯାଇଛି ଯେ "ରମନ୍ତେ ଯୋଗିନଃ ଅସ୍ତିମ ସା ରାମଂ ଉଚ୍ୟତେ" ଅର୍ଥାତ୍ ଯୋଗୀମାନେ ଧ୍ୟାନରେ ଥିବାବେଳେ ଯେଉଁ ଶୂନ୍ୟରେ ଭ୍ରମଣ କରନ୍ତି ତାଂକୁ ରାମ କୁହାଯାଏ।

ରାମଙ୍କ ନାମ କାହିଁକି ଦୁଇ ଥର କୁହାଯାଏ । ଯେତେବେଳେ ଅଭିବାଦନ ଦିଆଯାଏ 'ରାମ-ରାମ' କୁହାଯାଏ। ଏହା ସର୍ବଦା ଦୁଇ ଥର କୁହାଯାଏ । ଏହା ପଛରେ ଏକ ବୈଦିକ ଦୃଷ୍ଟିକୋଣ ରହିଛି ବୋଲି ବିଶ୍ୱାସ କରାଯାଏ । ବୈଦିକ ଦୃଷ୍ଟିକୋଣ ଅନୁଯାୟୀ, ୧୦୮ ହେଉଛି ସମ୍ପୂର୍ଣ୍ଣ ବ୍ରହ୍ମର ଏକକ ଗୁଣବତ୍ତା । ରାମ-ରାମ ଶବ୍ଦକୁ ୨ ଥର କହିଦେଲେ ଏହା ପୂରା ହୋଇଯାଏ । କାରଣ 'ର' ହେଉଛି ୨୭ ତମ ଅକ୍ଷର। 'ଆ' ହେଉଛି ଦ୍ୱିତୀୟ ଅକ୍ଷର ଓ 'ମ' ହେଉଛି ୨୫ ତମ ଅକ୍ଷର । ସବୁକୁ ଏକାଠି କଲେ ୨୭ + ୨ + ୨୫ = ୫୪, ଅର୍ଥାତ୍ ଗୋଟିଏ 'ରାମ' ର ସମଷ୍ଟି ହେଉଛି ୫୪ । ତେଣୁ ରାମ ରାମ ୨ ଥର କହିଦେଲେ ଏହା ୧୦୮ ହୋଇଯାଏ । ଯାହା ସମ୍ପୂର୍ଣ୍ଣ ବ୍ରହ୍ମକୁ ସୂଚିତ କରେ । ଯେତେବେଳେ ବି କେହି କିଛି ଜପ କରେ, ତା'ଙ୍କୁ ୧୦୮ ଥର ଜପ କରିବାକୁ କୁହାଯାଏ । କିନ୍ତୁ ୨ଥର 'ରାମ-ରାମ' କହିଦେଲେ ସମଗ୍ର ମାଳା ଜପ ହୋଇଯାଏ ।'ମହାମନ୍ତ୍ର ଯୋୟ ଜାପତ୍ ମହେସୁ । କାସିନ୍ ମୁକୁତି ହେତୁ ଉପାଦେସୁ । ମହିମା ଜାସୁ ଜାନ ଗୁନରାଉ ।' ପ୍ରଥମ ପୂଜଉତ ନାମ ପ୍ରଭାଉ ।'

ଏହାର ଅର୍ଥ: - ମହାନ ମନ୍ତ୍ର, ଯାହା ମହେଶ୍ୱର ଶ୍ରୀ ଶିବଙ୍କ ଦ୍ୱାରା ଜପ କରାଯାଏ ଓ କାଶୀରେ ପ୍ରଚାରର କାଶୀ ମୁକ୍ତିର କାରଣ । ଯାହାର ଗୌରବ ଗଣେଶଙ୍କ ଦ୍ୱାରା ଜଣାଶୁଣା, ଯାହାଙ୍କୁ ପ୍ରଥମେ ଏହି ନାମ 'ରାମ' ଦ୍ୱାରା ପୂଜା କରାଯାଇଥାଏ । 'ରାମ ନାମ ଉଭୟ ହେଉଛି ମନ୍ତ୍ର-ଜପ ଓ ନାମ-ଜାପ ।' ଗୋଟିଏ ନାମ ଜପ କରାଯାଏ ଓ ଗୋଟିଏ ମନ୍ତ୍ର ଜପ କରାଯାଏ । ରାମଙ୍କ ନାମ ହେଉଛି ଏକ ମନ୍ତ୍ର ଓ ଏକ ନାମ । ରାମ ରାମ ରାମଙ୍କ ନାମ ଏପରି ଜପ ହୁଏ । ଏହା ପଦ୍ଧତି ବିନା ଜପ କରିବା । ଏହି ଉପାୟରେ ଈଶ୍ୱରଙ୍କୁ ସମ୍ବୋଧନ କରିବା ଅର୍ଥ ହେଉଛି ଈଶ୍ୱରଙ୍କୁ ଡାକିବା । ଯାହା ଦ୍ୱାରା ଭଗବାନ ଈଶ୍ୱରଙ୍କ ଦର୍ଶନ ଆଡକୁ ଆକର୍ଷିତ ହୋଇଥାଏ । ଯେପରି ନବଜାତ ଶିଶୁ ନିଜ ମାତାଙ୍କୁ ମା' ବୋଲି ଡାକେ, ସେହି ପରି ଛୋଟ ସନ୍ତାନ ଥିବା ମା' ମାନଙ୍କର ମନ ମଧ୍ୟ ସେହି ପିଲା ପ୍ରତି ଆକର୍ଷିତ ହୋଇଯାଏ । ଯେତେବେଳେ ସେହି ମା' ଉଠି ଆଗ୍ରହ ସହ ତାକୁ ଆଲିଙ୍ଗନ କୋଳକୁ ଉଠେଇ ନିଏ ଓ ଶିଶୁଟି ତାଙ୍କୁ ମା' ବୋଲି ବିବେଚନା କରେ ।

ନିର୍ବାଣ ବ୍ରହ୍ମା ଓ ସର୍ଗୁଣ ରାମ । ଭଗବାନଙ୍କ ପ୍ରତ୍ୟେକ ଲୋମରେ କୋଟି କୋଟି ବିଶ୍ୱ ବ୍ରାହ୍ମାଣ୍ଡ ବାସ କରନ୍ତି । ଦଶରଥଙ୍କ ଘରେ ଜନ୍ମ ହୋଇଥିବା ବ୍ୟକ୍ତି ମଧ୍ୟ ରାମ ଓ ସେହି ଭଗବାନଙ୍କ ନାମ ଯିଏ ବିନା ରୂପରେ ସବୁଠାରେ ବିଦ୍ୟମାନ । ନାମ ଉଭୟ ନିର୍ଗୁଣ ବ୍ରହ୍ମ ଓ ସର୍ଗୁଣ ରାମଙ୍କ ଠାରୁ ମହାନ୍ ଅଟନ୍ତି । ସେ ପରଂବ୍ରହ୍ମ ରାମ ନାମରେ ବିଦିତ । ଭଗବାନ ନିଜେ ପ୍ରସିଦ୍ଧ । ପୁନଶ୍ଚ ପରମ ପରମାତ୍ମା , ସେ ହେଉଛନ୍ତି ଅନାମ । ଅର୍ଥାତ୍ ତାଙ୍କର ନାମ କିମ୍ବା ରୂପ ନାହିଁ । କିନ୍ତୁ ତାଙ୍କୁ ଜାଣିବା ପାଇଁ ତାଙ୍କୁ ବହୁ ନାମରେ ସମ୍ବୋଧନ କରାଯାଏ । କାରଣ ନାମ ଆକାରରେ ସମ୍ବୋଧନ କରାଯାଏ, ସେଥିପାଇଁ ତାଙ୍କୁ ବ୍ରହ୍ମ ବୋଲି କହିଥାନ୍ତି । ଅସୀମ, ନିତ୍ୟାନନ୍ଦ ଓ ଚିନ୍ମୟ ପରମ ବ୍ରହ୍ମରେ, ଯେଉଁଥିରେ ଯୋଗୀମାନେ ଆନନ୍ଦ ଲାଭ କରନ୍ତି । ପରମ ବ୍ରହ୍ମ ରାମଙ୍କ ସମାନ ନାମରେ ଧ୍ୟାନ କରାଯାଇଥାଏ । ଅର୍ଥାତ୍ ରାମ ହେଉଛନ୍ତି ସ୍ୱୟଂ ପରମ ବ୍ରହ୍ମ ।

ତାଙ୍କର ଅସୀମ ଅନନ୍ତ ନାମ ମଧ୍ୟରେ ମୁଖ୍ୟ ନାମ ହେଉଛି ରାମ । ଅନେକ ନାମ ଈଶ୍ୱରଙ୍କ ଗୁଣ ଇତ୍ୟାଦି ବିଷୟରେ କୁହାଯାଏ । ଯଦି ସେଗୁଡିକ ଜପ କରାଯାଏ, ଈଶ୍ୱରଙ୍କ ଗୁଣ, ପ୍ରଭାବ, ଉପାଦାନ, ଅତୀତ ଇତ୍ୟାଦି ମନେ ରହିବ । ପ୍ରଭୁଙ୍କ ନାମ ଆମକୁ ପ୍ରଭୁଙ୍କ ଚରିତ୍ର ଗୁଣ ବିଷୟରେ ମନେ ପକାଇ ଦେଇଥାଏ । ଭଗବାନଙ୍କ ଚରିତ୍ର ଅସୀମ । ସେହି ଚରିତ୍ର ସମ୍ବନ୍ଧରେ ନାମ ଜପ କରିବା ମଧ୍ୟ ଅସୀମ ଅନନ୍ତ ହେବ । ସମଗ୍ର ଅଖିଳ ବ୍ରହ୍ମାଣ୍ଡ ସୃଷ୍ଟି ରାମଙ୍କ ନାମରେ ଅଛି । ବାଲ୍ମିକୀ ଏକ ଶହ କୋଟି ଶ୍ଳୋକରେ ରାମାୟଣ ରଚନା କରିଥିଲେ । ତା'ପରେ ରାମାୟଣଙ୍କୁ ଏକ କୋଟି ଶ୍ଳୋକରେ ଭଗବାନ ଶଙ୍କରଙ୍କ ଆଗରେ ରଖିଥିଲେ ଯିଏ ସର୍ବଦା ରାମଙ୍କ ନାମ ଜପ କରନ୍ତି ଓ ପାର୍ବତୀଙ୍କୁ ଏହା କହିଥିଲେ ।

ମହାଦେବ ଶିବ ରାମାୟଣକୁ ତିନୋଟି ବିଭାଗ କରି ଏହାକୁ ତ୍ରିଲୋକରେ ବିଭକ୍ତ କଲେ । ଯଦି ତିନି ଲୋକରେ ତେତିଶି କୋଟି କରି ଦିଆଯାଏ, ତେବେ ଗୋଟିଏ କୋଟି ବଳକା ହେବ । ଫଳରେ ତାକୁ ମଧ୍ୟ ତିନି ଭାଗରେ ବିଭକ୍ତ ହେବା ପରେ ମଧ୍ୟ, ଏକ ଲକ୍ଷ ବାକି ରହିଲା । ସେ ଏହାକୁ ତିନି ଭାଗରେ ବିଭକ୍ତ କଲେ ଓ ଗୋଟିଏ ପଦ ବା ଶ୍ଳୋକ ଉଦ୍ଧାର ହେଲା । ରାମାୟଣର ଏକ କୋଟି ପଦର ତିନୋଟି ଅଂଶ କରିବାବେଳେ ଗୋଟିଏ ଅନାବଶ୍ୟକ ପଦ ବାକି ରହିଲା । ରଚିତ ଶ୍ଳୋକରେ ବତିଶ ଅକ୍ଷର ଅଛି, ଯେଉଁଥିରେ ଦଶ-ଦଶଟି ତିନି ଜଣଙ୍କୁ ଦିଆଯାଇଥିଲା । ଶେଷରେ କେବଳ ଦୁଇଟି ଅକ୍ଷର ବାକି ରହିଲା । ପ୍ରଭୁ ଶଙ୍କର ଏହି ଦୁଇଟି ଅକ୍ଷରକୁ 'ରା'୭ ଓ 'ମ ' ନିଜ ପାଖରେ ରଖିଥିଲେ । ସମଗ୍ର ରାମାୟଣ କେବଳ ରାମ ଶବ୍ଦରେ ଅଛି, ଏହା ହେଉଛି ସମ୍ପୂର୍ଣ୍ଣ ଶାସ୍ତ୍ର । ରାମଙ୍କ ନାମ ମଧ୍ୟ ବେଦ ସଦୃଶ୍ୟ । ରାମଙ୍କ ନାମ ବେଦ ଜୀବନ ପରି । ଶାସ୍ତ୍ର ଓ ବର୍ଣ୍ଣମାଳାର ମଧ୍ୟ ଜୀବନ ଅଛି । ପ୍ରଣବକୁ ବେଦର ଆତ୍ମା ଭାବରେ ବିବେଚନା କରାଯାଏ । ପ୍ରଣବ ତିନୋଟି କାନ୍ଦୁ 'ଓମ୍ କାର୍ ପୂର୍ବରୁ ଦେଖା ଦେଇଥିଲା । ତତ୍ ତ୍ରିପଡା ଏଥିରୁ ଗାୟତ୍ରୀ ଓ ଏଥିରୁ ବେଦ୍ରାୟା ହୋଇଗଲା । ଋକ୍, ସାମ୍ୟ ଓ ଯଜୁଃ - ଏହି ତିନୋଟି ମୁଖ୍ୟ ବେଦ ହୋଇଗଲେ ।

ଏହିପରି ଓମ୍ କାର ଅର୍ଥ ଓଁ ପ୍ରଣବ ହେଉଛି ବେଦମାନଙ୍କର ପ୍ରାଣ ସ୍ୱରୂପ ଜୀବନ । ରାମ ନାମର ଗୌରବ ଅଛି । ଜିଭ ସମ୍ବେଦନଶୀଳ, ରାମ ରାମ ଜପ କରି ଏହା ଏତେ ଅଲୌକିକ ହୋଇଯାଏ ଯେ ଏହାର ଇନ୍ଦ୍ରିୟ ଅଙ୍ଗ ଓ ଏହା ବାହାରେ ଭିତରେ ସୃଷ୍ଟିକର୍ତ୍ତା ତଥା ଭିତର କାରଣ, ପ୍ରକୃତି ବାହାରେ ଦିଆଯାଏ । ସେହି ଈଶ୍ୱରୀୟ ଉପାଦାନ ହେଉଛି ଶକ୍ତି । ରାମଙ୍କ ନାମ ମଣିଦୀପ ସଦୃଶ୍ୟ ଉତ୍ସ। । ତେଲ ଦୀପକୁ ମଣିଦୀପ କୁହାଯାଏ, ଏହା ସ୍ୱୟଂଚାଳିତ ଭାବରେ ଆଲୋକିତ ହୁଏ । ମଣିଦୀପ ଥିବା ପ୍ରଦୀପ କଦାପି ଲିଭିବ ନାହିଁ । ଯେପରି କବାଟ ଦୁଆର ବନ୍ଧରେ ଏକ ଦୀପ ଲଗାଇବା ଫଳରେ ଘରର ଭିତର ଓ ବାହାର ଆଲୋକିତ ହୁଏ, ସେହିଭଳି ରାମଙ୍କ ନାମ ଜିଭରେ ରଖିବା ଦ୍ୱାରା ଉଭୟ ଭିତର ଓ ବାହ୍ୟ ଆଚରଣକୁ ଆଲୋକିତ କରେ ।ଅର୍ଥାତ୍ ଯଦି ହୃଦୟରେ ଭକ୍ତିରେ ଡାକିବାକୁ ହୁଏ, ତେବେ ରାମଙ୍କ ନାମ ଜପ କରି ମୁକ୍ତି ମିଳିଯିବ । କହିବାର ଅର୍ଥ ଯେଉଁମାନେ ଅନେକ ଜନ୍ମରୁ ପାପ କରିଛନ୍ତି, ସେମାନେ ରାମଙ୍କ ନାମ ଜପରେ ଉଜ୍ଜ୍ୱଳ ଅଗ୍ନି ସେମାନଙ୍କର ସମସ୍ତ ପାପ କ୍ଷୟ କରିଦିଏ ।

ପୁନଶ୍ଚ ରାମଙ୍କ ଉଭୟ ଅକ୍ଷର ମଧୁର ଓ ସୁନ୍ଦର ମନୋହର । ମଧୁରର ଅର୍ଥ ହେଉଛି ସୃଷ୍ଟିରେ ରସ ପାଇବା ଓ ମନୋହର କହିବା ଅର୍ଥ ଏହା ମନକୁ ନିଜ ଆଡକୁ ଆକର୍ଷିତ କରେ । ଅର୍ଥାତ୍ ରାମ ରାମ କହିବା ପାଟିରେ ମଧୁରତା ଭାବ ସୃଷ୍ଟି କରେ । ଉଭୟ ଅକ୍ଷର ହେଉଛି ବର୍ଣ୍ଣମାଳାର ଦୁଇଟି ଆଖି । ରାମ ବିନା, ବର୍ଣ୍ଣମାଳା ମଧ୍ୟ ଅନ୍ଧ ଅଟେ । ସେଭଳି ସୂର୍ଯ୍ୟ ଜଗତକୁ ପୋଷଣ କରେ ଓ ଚନ୍ଦ୍ର ଅମୃତଭାଣ୍ଡ ଦେଖାଏ । ରାମଙ୍କ ନାମ ଶୁଭ ଅଟେ, ହୁଏତ ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣ କରନ୍ତି । କିନ୍ତୁ ରାମଙ୍କ ନାମରେ କେବେବି ଚନ୍ଦ୍ର ଗ୍ରହଣ ହୁଏ ନାହିଁ। ଚନ୍ଦ୍ର ବଢେ ଓ ହ୍ରାସ ପାଏ , କିନ୍ତୁ ରାମ ସର୍ବଦା ବଢିଥାନ୍ତି । ସେ ସର୍ବଦା ଶୁଦ୍ଧ, ପବିତ୍ର । ତେଣୁ ରାମ ହେଉଛନ୍ତି ଏକ ଶୁଦ୍ଧ ଚନ୍ଦ୍ର ଓଷ୍ମ ଉଜ୍ଜ୍ୱଳ ସୂର୍ଯ୍ୟ ପରି । ରାମ ନାମର ଗୌରବରେ ରାମର ନାମ ଅମୃତଭାଣ୍ଡର ସ୍ୱାଦ ଓ ସନ୍ତୁଷ୍ଟତା ପରି । ରାମ କହିବା ସମୟରେ 'ରା' ପାଟି ଖୋଲିଥାଏ ଏବଂ 'ମ' କହିବା ସମୟରେ ବନ୍ଦ ହୋଇଯାଏ । ଯେପରି ଖାଦ୍ୟ ଖାଇବା ସମୟରେ ପାଟି ଖୋଲା ଏବଂ ସନ୍ତୁଷ୍ଟ ହେଲେ ପାଟି ବନ୍ଦ ହୋଇଯାଏ । ସେହିଭଳି ରା ଓ ମ ଅମୃତ ଭଳି ସ୍ୱାଦ ଓ ସନ୍ତୁଷ୍ଟ ପରି କାର୍ଯ୍ୟ କରିଥାଏ ।

ଶାସ୍ତ୍ରାନୁସାରେ ଛଟି କମଳ ମଧ୍ୟରୁ ଗୋଟିଏ ନାଭି କମଳ ଯମ ଚକ୍ର । ଏହାର ପେଟରେ ଈଶ୍ୱରଙ୍କ ନାମ ଅଛି । ସେମାନେ ମଧ୍ୟ ଦୃଶ୍ୟମାନ ହୁଅନ୍ତି । ଯେପରି ସମସ୍ତ ବାହ୍ୟ ଜ୍ଞାନ ଆଖିରେ ଅଛି, ସେହିଭଳି ରାମ ନାମ ଜପ କରି ଜଣେ ମହାନ୍ ଶାସ୍ତ୍ରର ଜ୍ଞାନ ପାଇଥାନ୍ତି, ଯେଉଁମାନେ ଅଧ୍ୟୟନ କରିନାହାଁନ୍ତି, ଶାସ୍ତ୍ର ପଢି ନାହାଁନ୍ତି, କିନ୍ତୁ ସେମାନେ ରାମ କଥନ ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବରେ ବେଦ ବିଷୟରେ ଜ୍ଞାନ ପାଆନ୍ତି । କୁହାଯାଏ ରାମ ନାମରେ ନିର୍ବାଣ ଓ ସର୍ଗୁଣରେ ସାକ୍ଷୀ ସର୍ଗୁଣ ମଧ୍ୟରେ ରାମଙ୍କ ନାମ ଏକ ସୁନ୍ଦର ସାକ୍ଷୀ । ସେ ଜଣେ ଚତୁର ଅନୁବାଦକ ଯିଏ ଦୁହିଁଙ୍କ ମଧ୍ୟରେ ପ୍ରକୃତ ଜ୍ଞାନ ଦିଅନ୍ତି ନାମ ଉଭୟ ସର୍ଗୁଣ ଓ ନିର୍ଗୁଣର ସୂଚକ । ରାମ ଜପ କରି ଲୋମ ଶୁଦ୍ଧ ହୋଇଯାଏ । ଅଥାର୍ଥ ଜଣେ ଗବେଷଣା ସନ୍ଧାନକାରୀ ଏତେ ଶୁଦ୍ଧ ହୋଇଯାଏ ଯେ ତାଙ୍କର ଦର୍ଶନ, ସ୍ପର୍ଶ ଓ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରେ। ଅନିଶ୍ଚିତତା ଦୂର ହୁଏ, ଦୁଃଖ-ଚିନ୍ତା ଦୂର ହୁଏ, ପାପ ନଷ୍ଟ ହୁଏ । ସେମାନେ ରହୁଥିବା ସ୍ଥାନ ଏକ ପବିତ୍ର ଧାମରେ ପରିଣତ ହୁଏ ।

ଭଗବାନ ତାଙ୍କର ସମସ୍ତ ଅଲୌକିକ ଶକ୍ତି ରାମଙ୍କ ନାମରେ ରଖିଛନ୍ତି । ନାମ ଜପ କରିବା ପାଇଁ କୌଣସି ସ୍ଥାନ, ଉପଯୁକ୍ତ ପଦ୍ଧତି ଆବଶ୍ୟକ ନାହିଁ । ଦିନରାତି ରାମର ନାମ ଜପ କଲେ ସ୍ୱୟଂଚାଳିତ ଭାବରେ ନିଷେଧ ପାପପୂର୍ଣ୍ଣ ଆଚରଣର ଉଚ୍ଛେଦ ଘଟିବ । କହିବାର ଅର୍ଥ ବର୍ତ୍ତମାନ ହୃଦୟ ଅପରିଷ୍କାର, ସେଥିପାଇଁ ଏହା ମଇଳାକୁ ପସନ୍ଦ କରେ, ଯେତେବେଳେ ମନ ନିର୍ମଳ ହୁଏ, ମଇଳା ଜିନିଷ ପାଇଁ ଇଚ୍ଛା ରହିବ ନାହିଁ । ଦୃଢ ବିଶ୍ୱାସର ସହିତ ରାମ ରାମ ଆରମ୍ଭ କଲେ, ମନ ବିଷୟର ଚିନ୍ତା ଦୂର ହେବ , ଶାନ୍ତି ଆସିବ । ଭାବ ନାହିଁ ଯେ ଯଦି ମନ ଅନୁଭବ କରୁନାହିଁ, ତେବେ ଜ୍ୟୋତି ବୃଥା ଚାଲିଛି । ଉଦାହରଣ ସ୍ୱରୂପ ଯଦି ଆପଣ ନିଜ ମନ ବିନା ନିଆଁକୁ ସ୍ପର୍ଶ କରନ୍ତି, ତେବେ ଏହା ଜଳିଯିବ । ସେହିଭଳି ଯଦି ଈଶ୍ୱରଙ୍କ ନାମ କୌଣସି ପ୍ରକାରେ ନିଆଯାଏ, ତେବେ ଏହା ଭିତର ମନକୁ ଶୁଦ୍ଧ କରିବାକୁ ହେବ।

ଯଦି ବର୍ତ୍ତମାନ ଏହା ଅନୁଭବ କରୁନାହିଁ, ଚିନ୍ତା କର ନାହିଁ, କାରଣ ମନ ସ୍ଥିର କରିବାକୁ ଇଚ୍ଛା ଅଛି, ତେବେ ତାହା ଘଟିବ । ଭଗବାନ ହୃଦୟକୁ ଦେଖନ୍ତି ଯଦି ମନ ଜଡିତ ନୁହେଁ, ସେଥିପାଇଁ ଭୟଭୀତ ହୁଅ ନାହିଁ । ଜପ କରିବା ସମୟରେ ଏହାକୁ ପସନ୍ଦ କରିବାକୁ ଚେଷ୍ଟା କର । ତେଣୁ ରାମ ନାମକୁ ଯେକୌଣସି ସମୟରେ ସମସ୍ତ ଇନ୍ଦ୍ରିୟକୁ ମନରେ, ବୁଦ୍ଧିରେ, ପ୍ରକୃତିରେ ଯେତେବେଳେ ବ୍ୟକ୍ତି ଡାକେ, ସେତେବେଳେ ସେ ଜାଗ୍ରତ ହୁଅନ୍ତି । ରାମଙ୍କ ନାମରେ ଅପାର ଶାନ୍ତି, ଆନନ୍ଦ ଓ ଶକ୍ତିରେ ତା'ର ହୃଦୟ ପରିପୂର୍ଣ୍ଣ ହୋଇଯାଏ । ଶୁଣିବା ଓ ମନେରଖିବା ସୁନ୍ଦର ଓ ମଧୁର ଅଟେ । ରାମଙ୍କ ନାମ ଜପ କରି ଏହା ଅଜ୍ଞାତ ମନରେ ସ୍ଥିର ହୋଇଯାଏ, ଏହା ପରେ ଏହା ସ୍ୱୟଂଚାଳିତ ଭାବରେ ରାମ ରାମ ଜପ କରିବା ଆରମ୍ଭ କରେ ଯାହା ଫଳରେ ମନ ଏତେ ଟାଣି ହୋଇଯାଏ ଯେ ଏହାକୁ ମୁକ୍ତ କରାଯାଇପାରିବ ନାହିଁ ।

ରାମ ସାମାଜିକ ସଂପର୍କରେ ଅନେକ ଉଦାହରଣ ସୃଷ୍ଟି କଲେ, ଯଥା ବାପା ଓ ପୁଅ ମଧ୍ୟରେ, ଭାଇମାନଙ୍କ ମଧ୍ୟରେ, ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ, ରାଜା ଓ ପ୍ରଜାମାନଙ୍କ ମଧ୍ୟରେ । ଆଧ୍ୟାତ୍ମିକ ଚେତନାର ଯେଉଁ ଉଦାହରଣ ଦେଇଛନ୍ତି ତାହା ହେଉଛି ଗୁରୁ ଓ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଥିବା ସମ୍ପର୍କ । ରାଜବଂଶ ଯେଉଁଥିରେ ଦେଶର ସମସ୍ତ ଶାସକ ଗୋଷ୍ଠୀଙ୍କର ବିଶ୍ୱାସ ଥିଲା, ସେ ବିଭିନ୍ନ ଶାସକମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ସର୍ବୋତ୍ତମ ରାକ୍ଷସ ଲଙ୍କାପତି ପାଖକୁ ଯାଇଥାନ୍ତେ। ଏହା ପରିବର୍ତ୍ତେ, ସେ ହନୁମାନଙ୍କ ଅଧିନାୟକତ୍ୱରେ ଅସନ୍ତୁଷ୍ଟ ପ୍ରାଣୀମାନଙ୍କର ଯୁଦ୍ଧର ସିଦ୍ଧ ବିଶେଷଜ୍ଞ, ଶକ୍ତିଶାଳୀ ଓ ନିର୍ଦ୍ଦୟ ରାକ୍ଷସମାନଙ୍କ ବିରୁଦ୍ଧରେ ଲଢିବାକୁ ଅନୁମତି ଦେଇଥିଲେ । ଅତଏବ ବାର୍ତ୍ତା ହେଉଛି ଯେତେବେଳେ ଈଶ୍ୱର ନେତୃତ୍ୱ ନିଅନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନୁଗାମୀମାନଙ୍କର ଆନ୍ତରିକତା । କିନ୍ତୁ ସେମାନଙ୍କର ବ୍ୟକ୍ତିଗତ ଯୋଗ୍ୟତା ନୁହେଁ । ଯେଉଁମାନେ ତାଙ୍କଠାରେ ଆଶ୍ରୟ ନିଅନ୍ତି, ସେମାନଙ୍କୁ ଈଶ୍ୱର ମୁକ୍ତି ଦିଅନ୍ତି । କିନ୍ତୁ ଈଶ୍ୱରଙ୍କ ନାମ ଉଚ୍ଚାରଣରେ ମୁକ୍ତି ମିଳେ । ଯେହେତୁ ଯିଏ ଏକ ଛାତର ଆଶ୍ରୟ ନେଇଥାଏ, ସେ ଛତ୍ରପତି ହୋଇଯାଏ, ସେହିଭଳି ଯିଏକି ରାମ ରୂପରେ ଧନ ଅଛି, ସେ ହେଉଛନ୍ତି ପ୍ରକୃତ ଧନପତି । ସୁଗତି ରୂପରେ ଥିବା ଭଲ ହେଉଛି ସବୁଦିନ ପାଇଁ ସନ୍ତୁଷ୍ଟ । ଯାହାର ଲାଭ ପରେ କୌଣସି ଲାଭ ବାକି ରହିଲା ନାହିଁ, ଯେଉଁଠାରେ କୌଣସି ଦୁଃଖ ପହଞ୍ଚିପାରିବ ନାହିଁ, ରାମ ନାମରେ ଏପରି ବଡ଼ ମହାନନ୍ଦ ହାସଲ ହୁଏ ।

ବାସ୍ତବରେ ଭଗବାନଙ୍କ ନାମରେ ସମୁଦ୍ରରେ ପଥର ଭାସୁଛି, ତେବେ ଜଣେ ବ୍ୟକ୍ତି ରକ୍ଷା ପାଇବା ପାଇଁ ବଡ଼ କଥା କ'ଣ ? ରାମ ହେଉଛନ୍ତି ସେହି ପରମ ପୁରୁଷୋତ୍ତମ ତାଙ୍କର ଭକ୍ତମାନଙ୍କୁ ଧରିଥାଆନ୍ତି । ରାମଙ୍କ ନାମ ଅନ୍ୟାନ୍ୟ ଉତ୍ସରୁ ମୁକ୍ତି, ସର୍ବଶକ୍ତିମାନ ପରମ ବ୍ରହ୍ମ ନିଜେ... 'ଆପଦାମପହର୍ତାରଂ ଦାତାରଂ ସ୍ୱର୍ସଂପଦାମ୍ । ଲୋକାଭିରାମଂ ଶ୍ରୀରାମଂ ଭୂୟୋଭୂୟୋ ନମାମ୍ୟହମ୍, ରାମାୟ ରାମଭଦ୍ରାୟ ରାମଚଂଦ୍ରାୟ ବେଧସେ । ରଘୁନାଥାୟ ନାଥାୟ ସୀତାୟାଃ ପତୟେ ନମଃ...

♥ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ) : ୯୦୪୦ ୧୫୧୪ ୭୫

# ଭାରତର ବିଶିଷ୍ଟ ଶ୍ରମିକ ନେତା ଏମ୍ କେ ପାଢ଼ୀଙ୍କ ଜନ୍ମ ଶତବାର୍ଷିକୀ ପାଳନ



ଭଦ୍ରକ, ୧୨/୭ (ନି.ପ୍ର): ଭାରତର ବିଶିଷ୍ଟ ଶ୍ରମିକ ନେତା, ମହାନ ସ୍ୱାଧୀନତା ସଂଗ୍ରାମୀ, ଏଆଇଟିୟୁସିର ପୂର୍ବତନ ସାଧାରଣ ସଂପାଦକ, ସିଆଇଟିୟୁର ପୂର୍ବତନ ସର୍ବଭାରତୀୟ ସଭାପତି ଓ ସାଧାରଣ ସଂପାଦକ, ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟି ର ଅନ୍ୟତମ ତୁଙ୍ଗ ନେତା ତଥା ସିପିଆଇ(ଏମ)ର ପୂର୍ବତନ ପଲିଟବ୍ୟୁରୋ ସଭ୍ୟ ଶ୍ରୀଯୁକ୍ତ ଏମ୍ କେ ପାଢ଼େ ଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ସହର ଅନ୍ତର୍ଗତ ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ମଧୁକର କାଶୀନାଥ ପାଢ଼େ ( ଏମ୍ କେ ପାଢ଼େ)ଙ୍କ ୭ ଦଶନ୍ଧିର ରାଜନୈତିକ ଜୀବନର ଇତିହାସ ଆଲୋଚନା ହୋଇଥିଲା । ୧୯୪୩ ମସିହା ସୋଲାପୁର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସାଧାରଣ ସଂପାଦକ ନିର୍ବାଚିତ ହେବା ପରଠାରୁ ସେ ଜୀବନର ଶେଷ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ଛାତ୍ର, ଯୁବକ ଓ ଶ୍ରମିକ ମାନଙ୍କ ପାଇଁ ଲଢେଇ କରିଥିଲେ । ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ବ୍ରିଟିଶ ବିରୁଦ୍ଧରେ ଲଢି ଅନେକ ବାର କାରାବରଣ କରିଥିଲେ । ପୁଞ୍ଜିପତି ଶ୍ରେଣୀ ବିରୁଦ୍ଧରେ ବିପ୍ଳବୀ ଟ୍ରେଡ଼ ୟୁନିୟନ ପରିଚାଳନା କରିବା କ୍ଷେତ୍ରରେ ଜୀବନରେ ସେ ୪ ବର୍ଷ ୬ ମାସ ନିର୍ଜନ ବାସ କରିଥିଲେ । ୧୯୭୮ ମସିହାରେ ଅନୁଷ୍ଠିତ ସିପିଆଇ(ଏମ)ର ୧୦ ମ ପାର୍ଟି କଂଗ୍ରେସରେ ସେ ସିପିଆଇ(ଏମ)ର କେନ୍ଦ୍ର କମିଟିକୁ ନିର୍ବାଚିତ ହୋଇଥିଲେ । ୧୯୯୮ ମସିହାରେ ଅନୁଷ୍ଠିତ ସିପିଆଇ(ଏମ) ର ୧୬ ତମ ପାର୍ଟି କଂଗ୍ରେସରେ ସେ ସିପିଆ(ଏମ)ର ପଲିଟବ୍ୟୁରୋକୁ ନିର୍ବାଚିତ ହୋଇଥିଲେ । ସେ ଥିଲେ ଜଣେ ମାର୍କ୍ସବାଦୀ- ଲେନିନ୍ ବାଦୀ ଓ ଆନ୍ତର୍ଜାତୀୟତାବାଦୀ । ୧୯୬୦ ମସିହାରେ ସେ ଏଆଇଟିୟୁସି ର ସର୍ବଭାରତୀୟ ସାଧାରଣ ସଂପାଦକ ଥିଲେ । ୧୯୯୦ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ସେ ଥିଲେ ସିଆଇଟିୟୁ ର ସର୍ବଭାରତୀୟ ସାଧାରଣ ସଂପାଦକ । ୧୯୯୯ ରୁ ୨୦୧୦ ମସିହା ପର୍ଯ୍ୟନ୍ତ ସେ ସିଆଇଟିୟୁର ସର୍ବଭାରତୀୟ ସଭାପତି ଥିଲେ । ବିଶ୍ୱ ଶ୍ରମିକ ଏକତା ପାଇଁ ପୃଥିବୀର ବିଭିନ୍ନ ଦେଶରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋଆ ମୁକ୍ତି ସଂଗ୍ରାମରେ ସେ ଥିଲେ ଅନ୍ୟତମ ସେନାପତି । ସେ ଥିଲେ ଜଣେ ମେଧାବୀ ଛାତ୍ର । ପୁନେ ବିଶ୍ୱବିଦ୍ୟାଳୟ ରୁ ଅର୍ଥନୀତି ବିଭାଗର ସ୍ନାତକୋତ୍ତର ରେ ସେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ । ସେ ଥିଲେ ଆମ ଦେଶର ଜଣେ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ । ୧୧, ଜୁଲାଇ ୧୯୨୫ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ । ୨୦, ଅଗଷ୍ଟ ୨୦୧୧ ରେ ୮୬ ବର୍ଷ ବୟସରେ ସେ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ମାର୍କ୍ସବାଦୀ ଦର୍ଶନକୁ ପାଥେୟ କରି ଭାରତରେ ଜନଗଣତାନ୍ତ୍ରିକ ବିପ୍ଳବ ସଂଗଠିତ ପାଇଁ ସେ ଲଢେଇ କରୁଥିଲେ । ନବ୍ୟଫାଶୀବାଦୀ ଆକ୍ରମଣ ଓ କର୍ପୋରେଟ ଶୋଷଣରୁ ଶ୍ରମିକ ଶ୍ରେଣୀକୁ ସୁରକ୍ଷା ଦେବା ପାଇଁ ଶ୍ରମିକ ଶ୍ରେଣୀର ସମ୍ମିଳିତ ଆନ୍ଦୋଳନ ଭଦ୍ରକ ଜିଲ୍ଲାରେ ସଂଗଠିତ କରାଇପାରିଲେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ କ୍ରାନ୍ତିକାରୀ ଏମ୍ କେ ପାଢ଼େଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସିପିଆଇ(ଏମ) ନେତୃତ୍ୱ ଏହି ଜନ୍ମ ଶତବାର୍ଷିକୀ ପାଳନ ସମାରୋହରେ ପରିପ୍ରକାଶ କରିଥିଲେ । ଏହି ଜନ୍ମ ଶତବାର୍ଷିକୀ ସମାରୋହରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ସୁରଜିତା ନାୟକ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିଆଇଟିୟୁ ଭଦ୍ରକ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଯୁବ ନେତା ବିନୋଦ ସାହୁ, ସେକ୍ ସନାଉଲ୍ଲା ପ୍ରମୁଖ ଏମ୍ କେ ପାଢ଼େଙ୍କ ନୀତି, ଲକ୍ଷ୍ୟ , ଆଦର୍ଶ, ରାଜନୈତିକ ଇତିହାସ ଓ ଭାରତବାସୀ ଙ୍କ କର୍ତ୍ତବ୍ୟ ସଂପର୍କରେ ଆଲୋଚନା କରିଥିଲେ ।

## ପାଣିରେ ବୁଡ଼ି ଦେଢ଼ ବର୍ଷର ଶିଶୁ ପୁତ୍ର ମୃତ



ବସ୍ତା, ୧୨/୭ (ନି.ପ୍ର): ସିଂଲା ଥାନା ଅସ୍ତି ଗ୍ରାମର ଦୀପକ ବିନ୍ଧାଣିଙ୍କ ଦେଢ଼ ବର୍ଷର ଶିଶୁ ପୁତ୍ର ମହେଶ ବିନ୍ଧାଣି ଆଜି ପାଣିରେ ବୁଡି ମୃତ୍ୟୁବରଣ କରିଛି । ସେ ଅପରାହ୍ନରେ ଶୋଇ ଉଠି ଖେଳୁଥିଲା । କେତେ ବେଳେ ପିଲା ଉଠିଛି ମା' ଜାଣି ନଥିଲେ । ପରିବାର ଲୋକଙ୍କ ଅସାବଧାନତା ଯୋଗୁ ଘର ପାଖ ଗଡିଆରେ ପିଲାଟି ପଡିଯାଇଥିଲା । କିଛି ସମୟ ପରେ ମା' ଆସି ବିଛଣା ରେ ପିଲାକୁ ନପାଇ ଖୋଜାଖୋଜି ଆରମ୍ଭ କରିଥିଲେ । ପରେ ଘର ପାଖ ପୋଖରୀରୁ ପିଲାକୁ ଉଦ୍ଧାର କରି ବସ୍ତା ହସ୍ପିଟାଲ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ରେଡ଼ିଓ ବାଘାଯତୀନ ଓ ଜାତୀୟ ସେବା ଯୋଜନା ତରଫରୁ ସଚେତନତା କାର୍ଯ୍ୟକ୍ରମ




ଉଦଳା , ୧୨/୭ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଆଜି ଜୁଲାଇ ୧୨ ତାରିଖ ଶନିବାର ଦିନ ରେଡ଼ିଓ ବାଘାଯତିନ ଓ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ମିଳିତ ଉଦ୍ୟମରେ ମେରା ଯୁବା ଭାରତ ମୟୂରଭଂଜ ଓ ଭାରତ ସରକାରଙ୍କର ଯୁବ କଲ୍ୟାଣ ବିଭାଗ ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ସହାୟତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଜା ଶଙ୍କର ପାତ୍ର କାର୍ଯ୍ୟକ୍ରମ ଆୟୋଜନର ଉଦେଶ୍ୟ ଜଣାଇବା ପରେ ସାମ୍ବାଦିକ ଆଶିଷ ମଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଲିଆ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବ୍ଲଡ଼ ବ୍ୟାଙ୍କର ଅଧିକାରିଣି ଡ଼ା. ପ୍ରଜ୍ଞା ବେହେରା, କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଅଧ୍ୟାପକ ରବିନାରାୟଣ ମହାପାତ୍ର ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ସରକାରଙ୍କର ମୁଦ୍ରା ଯୋଜନା, ଡ଼ିଜିଟାଲ ଇଣ୍ଡିଆ, ସ୍କିଲ ଇଣ୍ଡିଆ ମିଶନ, ଜଲ ଜୀବନ ମିଶନ, ବିଶ୍ୱକର୍ମା ଯୋଜନା, ଉଜ୍ଜଳା ଯୋଜନା ପ୍ରଭୃତି ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମାମାଲି ସେନାପତି ପ୍ରଥମ , ଅନିତା ରଣା ଦ୍ୱିତିୟ, ପ୍ରତିରେଖା ବିଶ୍ୱାଳ ଓ ସମ୍ଯାରି ମୁର୍ମୁ ଯୁଗ୍ମ ତୃତିୟ ସ୍ଥାନ ଅଧିକାର କରିଛନ୍ତି । କୃତି ପ୍ରତିଯୋଗିଙ୍କୁ ଏହି ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବା ପରେ କ୍ଷୀରୋଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଦେବେନ୍ଦ୍ର ରାଉଳ ଓ ଆକାଶ ମହାନ୍ତ ସହଯୋଗ କରିଥିଲେ ।

# ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲାସ୍ତରୀୟ ସାରସ୍ୱତ ପ୍ରତିଯୋଗିତା

ଭଦ୍ରକ, ୧୨/୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀର ଜୁଲାଇ ୨୫ ତାରିଖରେ ହେବାକୁ ଥିବା ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଭଦ୍ରକ। ୧୧-୭-୨୫ ଭଦ୍ରକ ଜିଲ୍ଲାସ୍ତରୀୟ ସାରସ୍ୱତ ପ୍ରତିଯୋଗିତା ସଂସ୍କୃତି ଭବନ,ଭଦ୍ରକ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦଙ୍କ ସହଯୋଗରେ ତା ଅନୁଷ୍ଠିତ ହୋଇଯାଇଛି । ମୋଟ ଚାରିଗୋଟି ବିଭାଗ ଯଥା ପ୍ରବନ୍ଧ, କବିତା ଆବୃତ୍ତି, ସାଧାରଣ ଜ୍ଞାନ ଓ ଅନୁବାଦ ଏବଂ ବକ୍ତୃତା ରେ ଦୁଇଟି ଗ୍ରୁପ ରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀର (କନିଷ୍ଠ ଓ ବରିଷ୍ଠ) ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ ଛାତ୍ର ଛାତ୍ରୀଙ୍କ ସମେତ ଉଭୟ ଗ୍ରୁପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସଂଯୋଜନା କରିଥିଲେ ପୂର୍ଣଚନ୍ଦ୍ର ବହଳୀ । ଶ୍ରୀମତୀ ରାଧା ମହାପାତ୍ର, ଶଶଧର ମହନୀ, ପବିତ୍ର ପାଣିଗ୍ରାହୀ , କିଶୋର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ନିର୍ମଳ ରାଉତ, ରମାକାନ୍ତ ନାୟକ, ମନୋରମା ରାୟ, ଗୀତାରାଣୀ ଆଇଚ, ପ୍ରଦ୍ୟୋତନ ସୁଆର ପୂର୍ଣଚନ୍ଦ୍ର ବହଳୀ ବିଚାରକ ଭାବେ ଯୋଗଦାନ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିଙ୍କୁ ।

## କ୍ଷୀରୋଦ କଂଗ୍ରେସ ଷ୍ଟେଟ୍ ଏକ୍ଜିକ୍ୟୁଟିଭ କମିଟିର ଜିଲ୍ଲା ଉପାଧ୍ୟକ୍ଷ



ବେତନଟୀ, ୧୨/୭ (ନି.ପ୍ର): ଗତ ସାଧାରଣ ନିର୍ବାଚନରେ ବଡ଼ସାହି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କୁ ମିଳିଛି ଗୁରୁଦାୟିତ୍ୱ । ତାଙ୍କୁ କଂଗ୍ରେସର ଷ୍ଟେଟ୍ ଏକ୍ ?ଜିକ୍ୟୁଟିଭ କମିଟି ମୟୂରଭଞ୍ଜ (ପୂର୍ବ) ଉପାଧ୍ୟକ୍ଷ ଭାବେ ନିଯୁକ୍ତ ଦିଆଯାଇଛି । ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ନାମ ଅନୁମୋଦନ ପରେ ଏହି ଘୋଷଣା କରାଯାଇଛି । ନୂଆ ନିଯୁକ୍ତି ପରେ କ୍ଷୀରୋଦଙ୍କୁ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଭାରସାମ୍ୟ ହରାଇ ଓଲଟିଲା ପଇଡ ବୋଝେଇ ଟ୍ରକ



ବେତନଟୀ ୧୨/୭(ନି.ପ୍ର): ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟପଥ ପୁରୁଣାପାଣି ଠାରେ ଏକ ପଇଡବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ ଏଥିରେ ଚାଳକ ସାମାନ୍ୟ ଆହତ ହେବାସହିତ ଖଲାସୀ ଜଣକ ଗୁରୁତର ଆହତ ହୋଇଥିବା ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନେଇ ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ ତାମିଲନାଡୁରୁ ପଇଡ ବୋଝେଇ ବିହାର ଅଭିମୁଖେ ଯାଉଥିବା - ଟିଏନ ୩୪ଭି -୬୧୧୧ ନମ୍ବର ବିଶିଷ୍ଟ ଟ୍ରକଟି ୧୮ନଂ ଜାତୀୟରାଜପଥ ପୁରୁଣାପାଣି ଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଏଥିରେ ଚାଳକ ଆହତ ହୋଇଥିବା ବେଳେ ଖଲାସୀ ଜଣକ ଗୁରୁତର ଆହତ ହୋଇଥିଲେ । ଖବରପାଇ ବେତନଟୀ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟଏକ ଟ୍ରକକୁ ପଇଡ଼ ଗୁଡିକ ସ୍ଥାନାନ୍ତର ହେବାପରେ କ୍ରେନ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଉଦ୍ଧାର କରାଯିବ ବୋଲି ଶନିବାର ଅପରାହ୍ନରେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ଖଲାସୀ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛି ।

## କବି ବିଦ୍ୟୁତପ୍ରଭା ଦାସ ୯୯ତମ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, ୧୨/୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ଓ ଓଡ଼ିଆ ସାହିତ୍ୟ ସମାଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ପ୍ରକୃତି ପ୍ରାଣ, ମାନବିକତା ଓ ସୌନ୍ଦର୍ଯ୍ୟବୋଧର କବି ବିଦ୍ୟୁତପ୍ରଭା ଦାସଙ୍କ ୯୯ତମ ଜୟନ୍ତୀ ସମାରୋହ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ବିଶିଷ୍ଟ କବି ଓ ସାହିତ୍ୟ ସମାଲୋଚକ ଶତ୍ରୁଘ୍ନ ପାଣ୍ଡବ, ମୁଖ୍ୟବକ୍ତା ସାହିତ୍ୟ ସମାଲୋଚକ ଓ ପ୍ରାବନ୍ଧିକ ଡକ୍ଟର ବାସୁଦେବ ଦାସ, ସମ୍ମାନିତ ଅତିଥି ସାହିତ୍ୟ ସମାଲୋଚକ ରବିନ୍ଦ୍ର ସାମଲ, ସମ୍ମାନିତ ବକ୍ତା ଗାଳ୍ପିକ ପ୍ରଦୀପ ନାୟକ କବି ବିଦ୍ୟୁତପ୍ରଭା ଦାସଙ୍କ ଜୀବନୀ, ଦର୍ଶନ, ସାରସ୍ୱତ କୃତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ତାର ଏହି ପ୍ରସିଦ୍ଧ ଭୂମିକନ୍ୟା କବି ବିଦ୍ୟୁତପ୍ରଭା ଦାସଙ୍କ ଜନ୍ମ ଶତବାର୍ଷିକୀକୁ ସ୍ମରଣୀୟ ଭାବେ ପାଳନ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦୀଙ୍କୁ ଭେଟିଲେ...

୬ଟି ମନ୍ତ୍ରୀ ପଦ ପୂରଣ ପାଇଁ କସରତ ଆରମ୍ଭ ହୋଇଛି । ଏନେଇ ରାଜ୍ୟସଭାପତି ମନମୋହନ ସାମଲ ସଂକେତ ଦେବା ପରେ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ମୋହନ ମାଝୀ ଓ ମନମୋହନଙ୍କ ଦିଲ୍ଲୀ ଗସ୍ତ । କୁହାଯାଉଛି ଦିଲ୍ଲୀରେ ମନ୍ତ୍ରୀମଣ୍ଡଳର ଚୂଡାନ୍ତ ତାଲିକା ସରିଛି । ଖୁବଶୀଘ୍ର ଘୋଷଣା ହୋଇପାରେ ନାଁ । ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ସହ ଖାଲି ପଡିଥିବା ନିଗମ ଓ ବୋର୍ଡ ଅଧକ୍ଷ ପଦ ପାଇଁ ମଧ ଖୁବଶୀଘ୍ର ନିଷ୍ପତି ନିଆଯିବ । ଏହାକୁ ନେଇ ଆଶାୟୀ ବିଧାୟକ ଓ ନେତାଙ୍କ ଛାତି ଧଡଧଡ ହେଲାଣି ।

### କଲେଜ୍ ଛାତ୍ରୀ ଦେହରେ...

ଅବସ୍ଥାରେ ଛଟପଟ ହେଉଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ ଛାତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଦୁଇ ଜଣ ଛାତ୍ର ଆହତ ହୋଇଛନ୍ତି । ସେମାନେ ବାଲେଶ୍ୱର ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ଛାତ୍ରୀ ୧୨ ଦିନ ହେଲା ମାନସିକ ଚାପରେ ଥିଲେ । କଲେଜ ଅଧାପକ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ସେ କଲେଜ ଅଧକ୍ଷକଙ୍କ ପାଖରେ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ ପାଇଁ କଲେଜ କର୍ତ୍ତୃପକ୍ଷ ଏକ ଇଣ୍ଟରନାଲ କମିଟି ଗଠନ କରିଥିଲେ । ଅନ୍ୟପଟେ ଛାତ୍ରୀ ଜଣକ ଅଧାପକ ଅସଦାଚରଣ କରୁଥିବା ନେଇ ଥାନାର ମଧ ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଛାତ୍ରୀଙ୍କ ବୟାନ ମଧ ରେକର୍ଡ କରିଥିଲା । ଆଜି କଲେଜ ଅଧକ୍ଷ ପୀଡିତା ଛାତ୍ରୀଙ୍କୁ କଥା ହେବା ପାଇଁ ଡାକିଥିଲେ । ପ୍ରିନ୍ସିପାଲଙ୍କ ପ୍ରକୋଷ୍ଠରୁ ବାହାରିବା ପରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ ଅଧାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅନୁଭବ କରିବା ପରେ ପୀଡିତା ଚରମ ପଦକ୍ଷେପ ନେଇଛନ୍ତି ବୋଲି ମଧ ଚର୍ଚ୍ଚା ହେଉଛି ।

### ଅର୍ଚ୍ଚନାଙ୍କ ବିସ୍ଫୋରକ ବୟାନ...

ସମ୍ମିଳନୀ କରି ତାଙ୍କୁ କିଭଳି ଫସାଇ ଦିଆଯାଇଥିଲା ସେ ସମ୍ପର୍କରେ ସୂଚନା ଦେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିବା କହିଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅର୍ଚ୍ଚନା କହିଛନ୍ତି ଯେ, ବିଜେଡି ଶାସନକାଳରେ ତାଙ୍କୁ ମିଛ କେସରେ ଫସାଇ ଗିରଫ କରାଯିବା ପଛରେ ବିଜେଡିର ସାଂଗଠନିକ ସଂପାଦକ ବବି ଦାସଙ୍କ ସମେତ ବିଜେଡି ନେତା ଅମରେଶ ଜେନା, ମାନସ ମଙ୍ଗରାଜ ଏବଂ ତତ୍କାଳୀନ ପୁଲିସ ଡିସିପି ପ୍ରତୀକ ସିଂ, ଏସିପି ପ୍ରକାଶ ପାଲ, ହିଂମାଂଶୁ ସ୍ୱାଇଁ ଓ ଅନୁପ କାନୁନଗୋଙ୍କ ସମ୍ପୃକ୍ତି ରହିଛି । ତାଙ୍କୁ ୨୦୨୨ ଅକ୍ଟୋବର ୪ ତାରିଖରୁ ଗୃହବନ୍ଦୀ କରାଯାଇଥିଲା ଓ ବାଲିଅନ୍ତା ଥାନାରେ ଅଟକ ରଖାଯାଇଥିଲେ ମଧ ଅକ୍ଟୋବର ୬ ତାରିଖରେ ଗିରଫ ଦର୍ଶାଯାଇଥିଲା । ତା'ଛଡ଼ା ତାଙ୍କ ବିରୁଦ୍ଧରେ କ'ଣ ଅଭିଯୋଗ ରହିଛି ଓ କିଏ ଅଭିଯୋଗ କରିଛି ତାହା ମଧ ସେ ଅକ୍ଟୋବର ୧୦ତାରିଖରେ ଜାଣିବାକୁ ପାଇଥିଲେ । ଅର୍ଚ୍ଚନା ଅଭିଯୋଗ କରିଛନ୍ତି ଯେ, ଜେଲ ଭିତରେ ଶନିବାର-ରବିବାର ପରେଡ଼ ନାଁରେ ତାଙ୍କ ପାଖକୁ ଆସୁଥିବା ଲୋକେ କୌଣସି କଏଦୀଙ୍କୁ ଭେଟୁ ନଥିଲେ । ପୁଲିସ ଟଙ୍କା ଦେଇ ଜେଲ କର୍ମଚାରୀଙ୍କୁ କିଣିଥିବା ଅଭିଯୋଗ କରିବା ସହ ତାଙ୍କୁ ଜେଲରେ ନିର୍ଯାତନା ଦିଆଯାଇଥିଲା । ଖାଦ୍ୟରେ ନିଶା ଔଷଧ ମିଶାଇ ଦିଆଯାଉଥିଲା । ଏପରିକି ତାଙ୍କୁ ପାଗଳୀ ବୋଲି ସ୍ୱୀକାର କରିବାକୁ ବାଧ କରାଯାଇଥିଲା । ରାଜ୍ୟ ଛାଡ଼ି ଚାଲିଯିବାକୁ ଚାପ ପକାଯାଇଥିଲା । ତାଙ୍କ ଘରର ସିସିଟିଭି ଫୁଟେଜର ହାର୍ଡ ଡିସ୍କ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ମଧ ସେ କରିଛନ୍ତି । ଅର୍ଚ୍ଚନା କହିଛନ୍ତି ଯେ, ତାଙ୍କ ବିରୁଦ୍ଧରେ ପୁଲିସରେ ଯିଏ ଅଭିଯୋଗ ଆଣିଥିବା ଏଫଆଇଆରରେ ଦର୍ଶାଯାଇଥିଲା ସେ ହେଉଛନ୍ତି ଶ୍ରଦ୍ଧାଞ୍ଜଳି ବେହେରା । ନିଜେ ଶ୍ରଦ୍ଧାଞ୍ଜଳି ସ୍ୱୀକାର କରିଛନ୍ତି ଯେ ତାଙ୍କୁ ବିଜେଡି ନେତାମାନେ ଟଙ୍କା ଦେଇ ଅର୍ଚ୍ଚନାଙ୍କ ବିରୋଧରେ ମିଛ ଅଭିଯୋଗ କରିବାକୁ ବାଧ କରିଥିଲେ । ଏହି ଘଟଣାର ସଂପୂର୍ଣ୍ଣ କାହାଣୀ ସମେତ ଶ୍ରଦ୍ଧାଞ୍ଜଳିଙ୍କ ସ୍ୱୀକାରୋକ୍ତିର କଲ୍ ରେକର୍ଡିଂକୁ ମଧ ସାର୍ବଜନୀନ ଅର୍ଚ୍ଚନା ସାର୍ବଜନୀନ କରିଛନ୍ତି । ରାଜ୍ୟର କିଛି ପ୍ରଭାବଶାଳୀ ଲୋକ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ଏବଂ ଆଗାମୀ ଦିନରେ ସେମାନଙ୍କର ଅସଲି ମୁଖା ରାଜ୍ୟବାସୀଙ୍କ ସାମ୍ନାରେ ଆସିବ । ଅର୍ଚ୍ଚନା କହିଛନ୍ତି ଯେ, ତାଙ୍କ ସହ ଅନ୍ୟାୟ ହୋଇଛି । ପୂର୍ବତନ ବିଜେଡି ସରକାର ଓ ପୁଲିସ ମିଳିତ ଭାବେ ତାଙ୍କ ବିରୋଧରେ ମିଛ ଅଭିଯୋଗ ଆଣିଥିଲେ । ସେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି କରିଛନ୍ତି । ଖୁବଶୀଘ୍ର ସତ ପଦାକୁ ଆସିବ ବୋଲି ଆଶା ରଖିଛନ୍ତି । ତାଙ୍କ ସହ କିଭଳି ପ୍ରକାରର ଅନ୍ୟାୟ ଓ ଅତ୍ୟାଚାର ହୋଇଥିଲା ତାହା ମଧ ଅର୍ଚ୍ଚନା କହିବା ସହ ସମସ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । କୋର୍ଟରେ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ଏବଂ ଷଡ଼ଯନ୍ତ୍ରରେ ସାମିଲ ଥିବା ସମସ୍ତଙ୍କୁ ପର୍ଦ୍ଦାଫାଶ କରିବେ । ତାଙ୍କର ଏହି ସଙ୍ଗୀନ ଅଭିଯୋଗ ଓ କଲ୍ ରେକର୍ଡିଂ ସାର୍ବଜନୀନ ହେବା ପରେ ବିଜେଡି ରାଜନୀତିରେ ନୂଆ ବିବାଦ ସୃଷ୍ଟି ହୋଇଛି । ଅର୍ଚ୍ଚନାଙ୍କ ସଙ୍ଗୀନ ଅଭିଯୋଗ ଉପରେ ବିଜେଡି ସାଂସଦ ମାନସ ମଙ୍ଗରାଜ ଓ ଅମରେଶ ଜେନା ପ୍ରତିକ୍ରିୟା ରଖିଛନ୍ତି । ଅର୍ଚ୍ଚନା କିଏ ସେ ଜାଣନ୍ତି ନାହିଁ ବୋଲି ମାନସ କହିଥିବାବେଳେ ଅମରେଶ ମଧ ଏହି ଘଟଣାରେ କୌଣସି ପ୍ରତିକ୍ରିୟା ଦେବାକୁ ଚାହୁଁନଥିବା ଓ ତଦନ୍ତ ହେଉ ସବୁ ସତ ପଦାକୁ ଆସିବ ବୋଲି କହିଛନ୍ତି । ସେପଟେ ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଲତିକା ପ୍ରଧାନ କହିଛନ୍ତି, "ଅଭିଯୋଗ କରିବାକୁ କାହାକୁ ମନା ନାହିଁ । ସମସ୍ତେ ଅଭିଯୋଗ କରିପାରିବେ । ସେ କାହିଁକି ଜେଲ ଯାଇଥିଲେ ଏବଂ ଏବେ ଏକଥା କାହିଁକି ବାହାରିଲା , ତାହା ମୁଁ କହିପାରିବି ନାହି । ତାଙ୍କର ଯାହା ଅଭିଯୋଗ ଅଛି, ତଥ୍ୟ ଓ ପ୍ରମାଣ ସହ ତାକୁ କୋର୍ଟରେ ରଖନ୍ତୁ । କୋର୍ଟରୁ ନ୍ୟାୟ ପାଇବା ପାଇଁ ଚେଷ୍ଟା କରନ୍ତୁ ।"

### ଗାଡ଼ି ଗଡିଲା, ଧମକାଇଲେ...

ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି । ଆଉ ପାଦେ ଆଗକୁ ଯାଇ ଭିଡିଓ ବାର୍ତ୍ତା ଜାରି କରି ଷ୍ଟିୟରିଂ ଧରିଥିବା ଡ୍ରାଇଭରମାନଙ୍କୁ ଖୋଲା ଚେତାବନୀ ଦେଇଛନ୍ତି ଡ୍ରାଇଭର ମହାସଂଘର ସଭାପତି । ଗତ ୮ ତାରିଖରୁ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ ଆନ୍ଦୋଳନ ଚଳାଇଛି । ସେବେଠାରୁ ଠପ୍ ହୋଇଯାଇଥିଲା ପରିବହନ ବ୍ୟବସ୍ଥା । ୫ଦିନ ଧରି ହନ୍ତସନ୍ତ ହୋଇଥିଲେ ରାଜ୍ୟବାସୀ । ଡ୍ରାଇଭର ମହାସଂଘ ସହ ସରକାରଙ୍କ ଆଲୋଚନା ପରେ ବି ଜିଦରେ ଅଟଳ ରହିଛନ୍ତି ଡ୍ରାଇଭରଙ୍କ ଗୋଟିଏ ଗୋଷ୍ଠୀ ।

### ରାହୁଲଙ୍କ ଟାସ୍କ : କାର୍ଯ୍ୟକାରୀ...

ଏଥିସହ ଭକ୍ତ କହିଛନ୍ତି, ଅକ୍ଟୋବରରେ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ପୁନର୍ବାର ଓଡ଼ିଶା ଆସିବେ ରାହୁଲ । ଏହାପରେ ଗଞ୍ଜାମ ଗସ୍ତରେ ଆସିବେ ପ୍ରିୟଙ୍କା ଗାନ୍ଧୀ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାହୁଲଙ୍କୁ ନେଇ ୧୦ଟି ସମାବେଶ କରିବାକୁ ଯୋଜନା କରିଛି କଂଗ୍ରେସ । ଶୁକ୍ରବାର କଂଗ୍ରେସ ଭବନରେ ଦୁଇ ଘଣ୍ଟା ରହିଥିଲେ ରାହୁଲ । ରାଜନୈତିକ ବ୍ୟାପାର କମିଟି ବୈଠକରେ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କଲେ । ଏହା ପରେ ବିଧାୟକ ମାନଙ୍କ ସହ ବୈଠକରେ ରାଜ୍ୟ ପ୍ରସଙ୍ଗରେ ଅନେକ କଥା ଶୁଣିଲେ । ପିଏସି ବୈଠକରେ ଓଡିଶା ପ୍ରସଙ୍ଗରେ ପାଞ୍ଚ ଜଣ ନେତାଙ୍କ ଠାରୁ ମତାମତ ନେଲେ ରାହୁଲ । ସବୁ ଶୁଣି ସାରିବା ପରେ ନେତାଙ୍କୁ ଗୁରୁମନ୍ତ୍ର ଦେଇକି ଯାଇଛନ୍ତି ରାହୁଲ । ଏକାଠି ହୋଇ ହୋଇ କାମ କର । ଅତୀତକୁ ଭୁଲି ଆଗକୁ ବଢ଼ । ରାଜ୍ୟରେ ଘଟୁଥିବା ସବୁ ପ୍ରସଙ୍ଗକୁ ନେଇ ସରକାର ବିରୋଧରେ ଆନ୍ଦୋଳନ କର । ଲୋକଙ୍କ ସ୍ୱାର୍ଥରେ କିଛି ସାଲିସ୍ କରନାହିଁ ।

### କର୍ଣ୍ଣାଟକ ଉପରେ ବର୍ତ୍ତମାନ...

ନେଇ ଦଳୀୟ ବିଧାୟକମାନେ ମତ ଦେବାକୁ ପଛାଉ ନାହାଁନ୍ତି । ଏଥିରେ ଡିକେଙ୍କୁ ସମର୍ଥନ କରୁଥିବା ବିଧାୟକ ମାନେ ଆଗରେ ଅଛନ୍ତି । ରାଜସ୍ଥାନ ଓ ଛତିଶଗଡ଼ରେ ରାଜ୍ୟ ନେତୃତ୍ୱ ପରିବର୍ତ୍ତନ ନେଇ ସେତେବେଳେ ଭିନ୍ନ ଗୋଷ୍ଠୀ ନେତା ଯଥାକ୍ରମେ ସଚିନ ପାଇଲଟ୍, ଟିଏ ସିଂଦେଓ ବାରମ୍ବାର ଦାବି କରୁଥିଲେ । ମାତ୍ର ପ୍ରତିଶ୍ରୁତି ସତ୍ତ୍ୱେ ସେତେବେଳେ ହାଇକମାଣ୍ଡ କୌଣସି ନିଷ୍ପତ୍ତି ନେବାକୁ ପଛାଇଥିଲେ । ଯାହାଫଳରେ ସରକାର ବିରୋଧୀ ହାୱା ନଥିବା ସତ୍ତ୍ୱେ କଂଗ୍ରେସ ଏହି ଦୁଇ ରାଜ୍ୟକୁ ହରାଇଥିଲା । ଏବେ କର୍ଣ୍ଣାଟକରେ ମଧ ସମାନ ଅବ୍ୟବସ୍ଥା । ଦୁଇ ବିରୋଧୀ ସିଦ୍ଧରମୈୟା ଓ ଡିକେଙ୍କ ମଧ୍ୟରେ କୌଣସି ନିଷ୍ପତ୍ତି ନେବାକୁ ହାଇକମାଣ୍ଡ ପଛଘୁଞ୍ଚା ଦେଉଛନ୍ତି । ଯାହା ଏବେ ଶାସନ ପ୍ରକ୍ରିୟାକୁ ମଧ ପ୍ରଭାବିତ କଲାଣି । ଏହା ଆଗାମୀ ଦିନରେ ଦଳକୁ ମଧ ପ୍ରଭାବିତ କରିପାରେ ।

### ପୁରୀ ଡେଲାଙ୍ଗରେ...

ଏହି ଅଭିଯାନ ଆରମ୍ଭ ହୋଇଛି । ଏଠାରେ ୬୦୦୦ କୁକୁଡ଼ା ମରିବାର ଲକ୍ଷ୍ୟ ରଖିଛି ପ୍ରଶାସନ । ବଡ଼ ଆଙ୍କୁଲା, ମୁନିଦା ଓ କୋଠବାଡ଼ ପଞ୍ଚାୟତର ୧୧ଟି ଗାଁରେ ବାର୍ଡ ଫ୍ଳୁ ସଂକ୍ରମଣ ଦେଖାଦେଇଛି । ବହୁ ସଂଖ୍ୟାରେ କୁକୁଡ଼ା ମରୁଛନ୍ତି । ଅଞ୍ଚଳର ୧୦ କିଲୋମିଟର ପରିଧିରୁ କୁକୁଡ଼ା ରପ୍ତାନୀ ଓ ବିକ୍ରି ଉପରେ ରୋକ୍ ଲଗାଇଛି ପ୍ରଶାସନ । ମରା ଯାଉଥିବା କୁକୁଡ଼ାଗୁଡ଼ିକୁ ପୋତା ଯାଉଛି । ଏସ୍‌ଓପି ଜାରି ସହିତ ସଂକ୍ରମିତ କୁକୁଡ଼ା ଫାର୍ମକୁ ସାନିଟାଇଜ୍ କରାଯିବ । କଲ୍ୟାଣପୁର, ହାଟ ଡେଲାଙ୍ଗ, ପିପିଲି ହାଟ ଛକ, ବେଗୁନିଆ ପଡ଼ାରେ ଚେକ୍ ପୋଷ୍ଟ ପାଇଁ ପୁଲିସକୁ ପ୍ରାଣୀ ଚିକିତ୍ସା ବିଭାଗ ଅନୁରୋଧ କରିଛି । ୪ ମାସ ପୂର୍ବରୁ ଏହି ଅଞ୍ଚଳରେ ବାର୍ଡ ଫ୍ଳୁ ବ୍ୟାପିଥିଲା । କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ଏଯାଏଁ କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି । ଏବେ ବାର୍ଡ ଫ୍ଳୁ ବ୍ୟାପିବା ପରେ ପୁଣି ଚାଷୀ ଚିନ୍ତାରେ ପଡ଼ିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବଜ୍ରାଘାତରେ ୨ ମହିଳାଙ୍କ ସମେତ ୩ ମୃତ: ୨ମହିଳା ଆହତ

ନୀଳଗିରି, ୧୨/୭ (ନି.ପ୍ର): କେନାଲ କାମରେ ନିୟୋଜିତ ଥିବା ବେଳେ ବଜ୍ରାଘାତରେ ଟଳି ପଡ଼ିଲେ ୩ଜଣ ଶ୍ରମିକ। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ଥିବାବେଳେ ତୃତୀୟ ବ୍ୟକ୍ତି ହେଉଛନ୍ତି ଜଣେ ଜେସିବି ଅପରେଟର। ସୂଚନା ଅନୁସାରେ ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧିନ ଅଶୋକନାଳ ଗ୍ରାମର ମାମି ସିଂ(୩୦), ବଡେଇପଲା ଗ୍ରାମର ଆଲାମଣି ସିଂ(୫୦) ଓ ବସ୍ତା ଥାନା ଅଧିନ ନଳବାହାର ଅଞ୍ଚଳର ଜେସିବି ଅପରେଟର ଅଜିତ କୁମାର ହାଜିରା(୨୮) ରଷିଆ ଡ୍ୟାମ ରାଇପାଳସ୍ଥିତ ଶାଖାକେନାଲରେ ଅନ୍ୟ ୧୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ସହିତ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ଷାହେବାରୁ ଶ୍ରମିକମାନେ ନିକଟସ୍ଥ କ୍ୟାମ୍ପକୁ ଚାଲିଆସିଥିଲେ। ସେଠାରେ ଶ୍ରମିକମାନେ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ପ୍ରାୟ ୨ଟା ସମୟରେ ହଠାତ କ୍ୟାମ୍ପ ଉପରେ ବଜ୍ରପାତ ହୋଇଥିଲା। ଯେଉଁଥିରେ ଉପରୋକ୍ତ ୩ଜଣ ହଠାତ ଚେତାଶୂନ୍ୟହୋଇ ପଡ଼ିଯାଇଥିଲେ ଏବଂ ଦୁଇଜଣ ମହିଳା ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ଶ୍ରମିକମାନେ ୩ଜଣଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବରହମପୁର ଏବଂ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପାଇଁ ମୃତକଙ୍କ ଶବଗୁଡ଼ିକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ଦୁଇଜଣ ଆହତ ମହିଳାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରାଯାଇ ଚିକିତ୍ସା ଚାଲିଥିବା ଜଣାଯାଇଛି। ତେବେ ପେଟପାଇଁ ପିଲାଛୁଆ ଏବଂ ପରିବାରକୁ ଛାଡି ମଜୁରୀ ଖଟିବାକୁ ଯାଇଥିବା ଅଭାବୀ ମଣିଷର ଅନ୍ତ ଏପରି ହୋଇଥିବାରୁ ତୁରନ୍ତ ଉକ୍ତ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ଠାରେ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



# ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ୨ ଜଣ ଗୁରୁତର

ଜଳେଶ୍ୱର, ୧୨/୭ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅର୍ନ୍ତଗତ ସର୍ଦ୍ଧାରବନ୍ଧ ପଂଚାୟତ ବଡ ଟିକାୟତପୁର ଗ୍ରାମରେ ଆଜି ଦିନ ତିନି ଘଟିକା ସମୟରେ କ୍ଷେତରେ ଚାଷ କାମ କରୁଥିବା ସମୟରେ ହଠାତ ପ୍ରବଳ ବର୍ଷା ସହ ଘଡଘଡି ଆରମ୍ଭ ହୋଇଥିଲା। ଠିକ ଏହି ସମୟ ବୁଧିନି ହେମ୍ବ୍ରମ୍ (୫୦) ଏବଂ ପାନ ମାରାଣ୍ଡି (୩୫) କ୍ଷେତରେ ଚାଷ କାମ କରୁଥିବା ସମୟରେ ପାନ ମାରାଣ୍ଡି ପାଖରେ ବଜ୍ରପାତ ହୋଇଥିଲା। ବଜ୍ରପାତ ଫଳରେ ପାନ ମାରାଣ୍ଡିଙ୍କ ଡାହାଣ ଗୋଡ ଟି ଜଳି ଯାଇଥିଲା ଏବଂ ସେ ଚେତା ଶୂନ୍ୟ ହୋଇଯାଇଥିବା ବେଳେ ବୁଧିନୀ ହେମ୍ବ୍ରମ ମଧ ଚେତାଶୂନ୍ୟ ହୋଇପଡିଥିଲେ। ପାଖରେ ଥିବା କିଛି ଲୋକେ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ବୁଧିନି ହେମ୍ବ୍ରମ୍ ଅଧିକ ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି।ତେବେ ବର୍ଷାରେ ଗରିବ ଖଟିଖିଆକୁ କାମରେ ଲଗାଇବାକୁ ରାଇବଣିଆ ଅଞ୍ଚଳର ସମାଜସେବୀ ସନ୍ତୋଷ କୁମାର ଜେନା ବିରୋଧ କରି ଆହତ ହୋଇ ଥିବା ଦୁଇ ମହିଳାଙ୍କ ପରିବାରକୁ ଜମି ମାଲିକ କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି।

# ସାରା ଦେଶରେ ମୌସୁମୀ ସକ୍ରିୟ: ଅନେକ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ

ନୂଆଦିଲ୍ଲୀ, ୧୨/୭ (ନି.ପ୍ର): ଦେଶର ଅଧିକାଂଶ ଅଞ୍ଚଳରେ ମୌସୁମୀ ସକ୍ରିୟ ରହିଛି ଏବଂ ଅନେକ ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଉତ୍ତର, ମଧ୍ୟ ଓ ସାମୁଦ୍ରିକ ଭାରତର ଅନେକ ଅଞ୍ଚଳରେ ହେଉଥିବା ବର୍ଷା କାରଣରୁ କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା କିଛି ଦିନରେ ଅଧିକ ବର୍ଷା ହେବାର ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ରାଜଧାନୀ ଦିଲ୍ଲୀ, ହରିୟାଣା ଓ ରାଜସ୍ଥାନରେ ଗତ କିଛି ଦିନ ଧରି ହେଉଥିବା ଲଗାତାର ବର୍ଷା ଫଳରେ ତାପମାତ୍ରା ହ୍ରାସ ପାଇଛି । ଏହି ବର୍ଷା କାରଣରୁ କିଛି ଅଞ୍ଚଳରେ ଜଳଜମିବା ସମସ୍ୟା ବଢ଼ିଛି। ପାଣିପାଗ ବିଭାଗ ଅନୁସାରେ, ଏହି ପରିସ୍ଥିତି ୧୩ ଜୁଲାଇ ପର୍ଯ୍ୟନ୍ତ ଜାରି ରହିପାରେ।

# ଚୋରା ଦେଶୀମଦ କାରଖାନା ଉପରେ ଚଢାଉ



ବେତନଟୀ, ୧୨/୭ (ନି.ପ୍ର): ବେତନଟୀ ଥାନା ଅଧୀନ କାଞ୍ଚନନଗର ଗ୍ରାମରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଶୁକ୍ରବାର ଚଢାଉ କରାଯାଇ ବିପୁଳ ପରିମାଣର ଚୋରା ଦେଶିମଦ, ମହୁଲପୋଚ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରିବା ସହିତ ମାମଲା ରୁଜୁ କରାଯାଇଛି । ସୂଚନା ମୁତାବକ ବେତନଟୀ ଥାନା ଖଡିଶୋଳ ପଞ୍ଚାୟତ ଅଧୀନ କାଞ୍ଚନନଗର ଗ୍ରାମର ଜଙ୍ଗଲିଆ ଅଞ୍ଚଳରେ ଚୋରା ଦେଶମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବିଭାଗର ବାରିପଦା ସଦରଟିମ ଅଧିକାରୀ ବ୍ରଜମୋହନ ମଲ୍ଲିକ ମୋବାଇଲଟିମ ଏବଂ ଦେଲୀ ଟିମ ସହାୟତାରେ ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ ମଦମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ଅଢେଇଶହ ଲିଟର ରକ୍ଷାମଦ ସମେତ ୩ହଜାର ୫୦କିଲୋଗ୍ରାମର ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ନଷ୍ଟ କରିଦିଆ ଯାଇଥିଲା । ଏନେଇ ସଦର ଅବକାରୀ ପକ୍ଷରୁ ମାମଲାରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

# ଟ୍ରେଜେରୀ କର୍ମଚାରୀ ପରିଚୟ ଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କଠୁ ଲୁଟ୍

## ■ସାଇବର ଠକକୁ ଗିରଫ କଲା ବଲାଙ୍ଗିର ପୁଲିସ୍

## ■ସ୍କାନରରେ ବେତନଟୀର ୩ ସନ୍ଦିଗ୍ଧ

ବେତନଟୀ,୧୨/୭(ନି.ପ୍ର) : ଟ୍ରେଜେରୀ କର୍ମଚାରୀ ପରିଚୟ ଦେଇ ଜନୈକ ଅବସରପ୍ରାପ୍ତ ଶିକ୍ଷକଙ୍କ ଠାରୁ ଲୁଟ୍ ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ବଲାଙ୍ଗିର ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବଡସାହି ଥାନା ପାଉଁଶିଆ ଉପକଣ୍ଠ ଶାଳବଣି ଗ୍ରାମର ପେଶାଦାର ସାଇବର ଅପରାଧ ରାଜେନ୍ଦ୍ର ବିନ୍ଧାଣୀ। ରାଜେନ୍ଦ୍ର ଚଞ୍ଚକତା ପୂର୍ବକ ଅନଲାଇନ ମାଧ୍ୟମରେ ଶିକ୍ଷକଙ୍କ ଠାରୁ ୨ଲକ୍ଷ ଟଙ୍କା ଠକି ନେଇଥିଲେ । ଏହି ଘଟଣାରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବଲାଙ୍ଗିର ଜିଲ୍ଲା ସାଇବର ଥାନା ପୁଲିସ ଟିମ ଗୁରୁବାର ବେତନଟୀରେ ପହଞ୍ଚିଲା। ଏତଲାକାରୀ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ଥାନା ଅଧୀନ ପଥର୍ଲା ଗ୍ରାମର ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପୁଅ ଦିଗମ୍ବର ବେହେରା(୬୧) ଙ୍କ ଅଭିଯୋଗ ମୁତାବକ ଚଳିତବର୍ଷ ମାର୍ଚ୍ଚ ୨୪ତାରିଖ ଅପରାହ୍ନରେ ଏକ ଅଜଣା ନମ୍ବରରୁ ବାରମ୍ବାର ଫୋନକଲ ଆସିଥିଲା । ଦିଗମ୍ବର ଶେଷରେ ଫୋନକଲ ରିସିଭ କରିବାପରେ ଫୋନରେ ଅପରିଚିତ ବ୍ୟକ୍ତି ଜଣକ ନିଜକୁ ଟ୍ରେଜେରୀ କର୍ମଚାରୀ ବୋଲି ପରିଚୟ ଦେଇଥିଲା । ଆଇଟି ରିଟର୍ଣ୍ଣ ଫାଇଲ କରି ନଥିବାରୁ ପେନସନ ବନ୍ଦ ହୋଇଯିବ ଏବଂ ଏଥି ନେଇ ପ୍ରଥମେ ୨ଲକ୍ଷ ଟଙ୍କା ଜମା କରିବାକୁ ପଡିବ । ଟଙ୍କା ସରକାରୀ ତହବିଲରେ ଜମାହେବା ସହିତ ପରବର୍ତ୍ତି ମୁହୂର୍ତ୍ତରେ ପୁନର୍ବାର ୨ଲକ୍ଷ ଟଙ୍କା ଆକାଉଣ୍ଟକୁ ଫେରସ୍ତ ଆସିବ ବୋଲି ଟ୍ରେଜେରୀ କର୍ମଚାରୀ ପରିଚୟ ଦେଇଥିବା ଅଦୃଶ୍ୟ ଠକ ଜଣକ ଦିଗମ୍ବରଙ୍କୁ କହିଥିଲା । ଏଥିରେ ଦିଗମ୍ବର ବ୍ୟସ୍ତବିବ୍ରତ ହୋଇ ଫୋନ-ପେ ମାଧ୍ୟମରେ ପର୍ଯ୍ୟାୟକ୍ରମେ ୪୯ହଜାର ୯ଶହ ୯୨ଟଙ୍କା, ୪ହଜାର ୯ଶହ ୯୨ ଟଙ୍କା ଏବଂ ୪୪ ହଜାର ଟଙ୍କା ପୈଠ କରିଥିଲେ। ଏହାପରେ ନିଜର ସ୍ତ୍ରୀଙ୍କ ଆକାଉଣ୍ଟରୁ ୪୯ହଜାର ୯ଶହ ୯୨ ଟଙ୍କା ଏବଂ ପୁନର୍ବାର ୪୯ହଜାର ୯ଶହ ୯୨ଟଙ୍କା ଏହି ପରି ସର୍ବମୋଟ ୧ଲକ୍ଷ ୯୮ ହଜାର ୯ଶହ ୬୮ ଟଙ୍କା ପଟାଇଥିଲେ । ଟଙ୍କା ପଠାଇବା ପରେ ଦିଗମ୍ବର ଠକେଇର ଶୀକାର ହୋଇଥିବା ଜାଣି ସେ ବଲାଙ୍ଗିର ଜିଲ୍ଲା ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ଦିଗମ୍ବରଙ୍କ ଏତଲାମୂଳେ ବଲାଙ୍ଗିର ସାଇବରଥାନା ଆଇଆଇସି ଭାରତୀ ନାୟକ ୬ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ବେତନଟୀ ଏବଂ ବଡସାହି ଲିଙ୍କ୍ ଜଣାପଡିଥିଲା । ଏହାପରେ ବଲାଙ୍ଗିର ଜିଲ୍ଲା ସାଇବରଥାନା ଆଇଆଇସି ଭାରତୀ ଏବଂ ସବଇନସ୍ପେକ୍ଟରର ଅଭିନାଷ ନାୟକ ବେତନଟୀ ଥାନାରେ ପହଞ୍ଚି ପ୍ରଥମେ ତଦନ୍ତ ଆରମ୍ଭ କରିଥିଲେ । ବେତନଟୀ ଥାନା ଇଲାକାରେ ଦୁଇରୁ ତିନିଜଣ ସନ୍ଦିଗ୍ଧ ଯୁବକଙ୍କୁ ପୁଲିସ ସ୍କାନରରେ ରଖୁଥିବା ବେଳେ ବଡସାହି ଥାନା ପାଉଁଶିଆ ଉପକଣ୍ଠ ଶାଳବଣି ଗ୍ରାମର ପେଶାଦାର ସାଇବର ଅପରାଧ ରାଜେନ୍ଦ୍ର ବିନ୍ଧାଣୀକୁ ଗିରଫ କରିଛି ବଲାଙ୍ଗିର ଜିଲ୍ଲା ସାଇବରଥାନା ଟିମ୍ । କେନ୍ଦୁଝର ଜିଲ୍ଲା ପୁଲିସ ପକ୍ଷରୁ ଏକ ସାଇବର ଠକେଇ ମାମଲାରେ ମଧ୍ୟ ରାଜେନ୍ଦ୍ର ପୂର୍ବରୁ ଗିରଫହୋଇ ଜେଲ ଯାଇଥିବା ବେଳେ ପରବର୍ତ୍ତି ସମୟରେ ଜାମିନରେ ମୁକୁଳିଥିଲା ।

# କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନଙ୍କୁ ୨୦ ଜୁଲାଇ ସୁଦ୍ଧା ବୋମା ପକାଇ ଉଡ଼ାଇ ଦେବାକୁ ଧମକ

ପାଟନା, ୧୨/୭ : କେନ୍ଦ୍ରମନ୍ତ୍ରୀ ଏବଂ ଲେଜପା (ରା) ରାଷ୍ଟ୍ରୀୟ ଅଧ୍ୟକ୍ଷ ଚିରାଗ ପାସୱାନଙ୍କୁ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ୨୦ ଜୁଲାଇ ସୁଦ୍ଧା ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଜମୁଇ ସାଂସଦ ଏବଂ ଚିରାଗ ପାସୱାନଙ୍କ ଶାଳକ ଏକ୍ସ-ପୋଷ୍ଟରେ ଏଥିପାଇଁ ରାଜଦ ଉପରେ ଅଭିଯୋଗ କରିଛନ୍ତି। ପାଟନାର ସାଇବର ପୋଲିସ ଷ୍ଟେସନରେ ଲେଜପା (ରା) ମୁଖ୍ୟ ମୁଖପାତ୍ର ରାଜେଶ ଭଟ୍ଟ ଏହି ସମ୍ପର୍କରେ ଏକ ଏଫଆଇଆର ଦାଖଲ କରିଛନ୍ତି। ଚିରାଗଙ୍କୁ ଧମକ ମିଳିବା ପରେ ଦଳରେ ଉତ୍ତେଜନା ପ୍ରକାଶ ପାଇଛି। ଭଟ୍ଟ କହିଛନ୍ତି ଯେ ୟୁଟ୍ୟୁବର ଦକ୍ଷପ୍ରିୟାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟର ମନ୍ତବ୍ୟ ବିଭାଗରେ, ଟାଇଗର ମେରାଜ ଇଦିସୀ ଚିରାଗ ପାସୱାନଙ୍କୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଛନ୍ତି। ସେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ପୋଲିସକୁ ଦାବି କରିଛନ୍ତି।

# ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଦଣ୍ଡାଦେଶ

ବାରିପଦା , ୧୨/୭ (ନି.ପ୍ର): ଉଦଳା ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟର ବିଚାରପତି ଅନୁରାଗ ଦେହୁରୀ ଏକ କାଠ ଚୋରା ଚାଲାଣ ମାମଲାର ବିଚାର କରି ଅସମୀ କପ୍ତିପଦା ବ୍ଲକ ଅନ୍ତର୍ଗତ ସେନ୍ଧକଟା ଗ୍ରାମର ଅଜୟ ଦଣ୍ଡପାଟ ଓ ଦୟାନିଧି ବେହେରାଙ୍କୁ ୩ବର୍ଷ ଜେଲ ଦଣ୍ଡ ସହିତ ୧୦୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଏକମାସ ଅଧିକ କାରାଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଏହି ଦଣ୍ଡାଦେଶ ଜଙ୍ଗଲ ସୁରକ୍ଷା ପାଇଁ ଉଦାହରଣ ସୃଷ୍ଟି କରିଛି। ଘଟଣା ମୁତାବକ ୨୦୧୬ ମସିହା ଡିସେମ୍ବର ୨ ତାରିଖରେ ଦୁଇ ଜଣ ମୋଟର ସାଇକେଲରେ ଦୁଇଟି ପିଆଶାଳ କାଠ ନେବା ବେଳେ ଜଙ୍ଗଲ ବିଭାଗ ହାତରେ ଧରାପଡ଼ିଥିଲେ। ଏବାବଦରେ ଓଡିଶା ଟିମ୍ବର ଓ ଜଙ୍ଗଲ ଜାତ ଦ୍ରବ୍ୟ ପରିବହନ ଆଇନ ୧୯୮୦ ଜରିଆରେ ଦୁଇ ଜଣଙ୍କ ନାମରେ କେସ ରୁଜୁ କରାଯାଇଥିଲା।

# କଳା ବ୍ୟାଚ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଲା ରାଜସ୍ୱ ଅମଲା ସଂଘ



ବଡସାହି, ୧୨/୭ (ନି.ପ୍ର): ରାଜ୍ୟ ରାଜସ୍ୱ ଅମଲା ସଂଘ ୧୦ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି । ଏହି ଦାବି ନେଇ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି। ମାତ୍ର ଦାବି ପୂରଣରେ ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି । ଫଳରେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ବଡସାହି ତହସିଲର ଅମଲାମାନେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ୭ ରୁ ୧୧ ଯାଏ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ସରକାର ଦାବି ପୂରଣ ନ କରନ୍ତି, ତେବେ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦାବୀ ଗୁଡିକ ମଧ୍ୟରେ ଅମଲାଙ୍କ ମୂଳ ଦରମା ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ, କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏ.ଏସ୍.ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏ.ଏସ୍.ଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକର ୪ ବର୍ଷ ରେସିଡେନସି ପିରିୟଡ ରଖାଯାଇ ଏ.ଏସ୍. ଓ ପଦବୀକୁପଦୋନ୍ନତି, ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ ଆଦି ଦାବି ରହିଛି।

# ବନ ମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ତରଫରୁ ବୃକ୍ଷରୋପଣ




ବାଲେଶ୍ୱର, ୧୨/୭ (ନି.ପ୍ର): ବନ ମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ତରଫରୁ ଉତ୍କଳ ବାଳାଶ୍ରମ ପରିସରରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ଉଦ୍ଘାଟକ ରୂପେ ପ୍ରଥମ ଗଛ ଲଗାଇଥିଲେ ସହଦେବ ଖୁଣ୍ଟା ଓଓଡ ଶ୍ରୀଯୁକ୍ତ ଅଜୟ କୁମାର ମୁର୍ମୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟବକ୍ତା ରୂପେ ପ୍ରତିଭାଶ୍ରୀ ମୁଖ୍ୟ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ ବୃକ୍ଷ ରୋପଣର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସରିତା ବାରିକ, ଆରତୀ ବାଳା ଦାସ,ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ , ଅନନ୍ୟା ବାଗ୍ , ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର , ମୌସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା ,ଶରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ ,ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା , ବାଳାଶ୍ରମର ସ୍ୱପ୍ନେଶ୍ୱର ହେମ୍ବ୍ରମ୍ , ଗୃହ ମାତା, ଛାତ୍ର ଓ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ଶେଷରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ବୃକ୍ଷ ରୋପଣ ନୃତ୍ୟ ନାଟିକା ପରିବେଷଣ କରିଥିଲେ।

# ପିକ ଅପ ଗାଡି ଦୁର୍ଘଟଣାରେ ୧ ମୃତ: ୨ ଆହତ

ବସ୍ତା,୧୨।୭(ନିପ୍ର):ଆଜି ଭୋର ସମୟରେ ୬୦ ନଂ ଜାତୀୟ ରାଜପଥର ଜୁକନନ୍ଦି ଠାରେ ଏକ ପିକ ଅପ ଗାଡି ଦୁର୍ଘଟଣାରେ ଜନୈକ ଯୁବକର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ସୂଚନାରୁ ପ୍ରକାଶ ଯେ ଏହି ପିକ ଅପ ଗାଡି(ଡବ୍ଲ୍ୟୁ ବି ୧୯ ଏଲ ୧୩୬୬)ଜଳେଶ୍ୱର ଆଡକୁ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ଟ୍ରକ ପଛପଟୁ ଧକ୍କା ହୋଇଥିଲା। ଏହା ଫଳରେ ସେଥିରେ ଥିବା ସୁଜନ ମଲ୍ଲିକ(୨୫ ବର୍ଷ) ମୃତ୍ୟୁବରଣ କରିଛନ୍ତି।ସେ ପଶ୍ଚିମବଙ୍ଗ ହୁଗୁଳି ଅଞ୍ଚଳର ଭଗବାନ ମଲ୍ଲିକ ଙ୍କ ପୁଅ।ସେଥିରେ ଥିବା ଆଉ ୨ ଜଣ ମଧ୍ୟ ଆହତ ହୋଇଛନ୍ତି। ସେମାନେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ଫକୀର ମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅରୁଣ କୁମାର ପାତ୍ରଙ୍କୁ 'ବ୍ୟାସ ଗୌରବ ସମ୍ମାନ'

ଭଦ୍ରକ, ୧୨/୭ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ନୂଆପାଢୀସ୍ଥିତ ନୂତନ କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଓ ଭଦ୍ରକ ଜିଲ୍ଲାରୁ ଜଣେ ଲେଖାଏଁ ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ବିଶ୍ୱ ବିଦ୍ୟାଳୟର ସମ୍ମାନଜନକ ପୁରସ୍କାର "ବ୍ୟାସ ଗୌରବ ସମ୍ମାନ-୨୦୨୫" ପ୍ରଦାନ କରାଯାଇଛି । ଚଳିବ ବର୍ଷ ପାଇଁ ଭଦ୍ରକ ଜିଲ୍ଲାରୁ କୃଷିବିତ୍ ତଥା ଓଡ଼ିଶାର କୃଷିକବି ଅରୁଣ କୁମାର ପାତ୍ରଙ୍କୁ ତାଙ୍କ ଜୀବନ ବ୍ୟାପୀ କୃଷି ସାହିତ୍ୟ ସାଧନା ଓ ସମାଜସେବା ପାଇଁ ଏହି ବ୍ୟାସ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି । ଏଥିରେ ତାଙ୍କୁ ଫକୀର ମୋହନଙ୍କର ଧାତବ ମୂର୍ତ୍ତି, ମାନପତ୍ର, ଉତ୍ତରୀୟ ଏବଂ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ ଶ୍ରୀ ପାତ୍ର 'ଭାଗବତ ଛନ୍ଦେ କୃଷିବିଜ୍ଞାନ" ସମେତ ପ୍ରାୟ ୩୦ ଗୋଟିରୁ ଉର୍ଦ୍ଧ୍ୱ ପଦ୍ୟ ଓ ଗଦ୍ୟଧର୍ମୀ କୃଷି ପୁସ୍ତକ ରଚନା କରିଛନ୍ତି । ଏହା ବ୍ୟତୀତ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ନୋବେଲ ପୁରସ୍କାର ପ୍ରାପ୍ତ ପୁସ୍ତକ 'ଗୀତାଞ୍ଜଳି'କୁ




ଉଭୟ ଇଂରାଜୀ ଓ ବଙ୍ଗଳାରୁ ଓଡ଼ିଆରେ ଅନୁବାଦ କରିଛନ୍ତି । ସେ ୧୯୯୩ ମସିହାରୁ ଆକାଶବାଣୀ ଓ ଦୂରଦର୍ଶନରେ ଗୀତିକାର ଭାବେ ସ୍ୱୀକୃତୀ ପ୍ରାପ୍ତ ହୋଇଛନ୍ତି । "ଓଡ଼ିଆ ସାହିତ୍ୟରେ ନୂତନ ଢଗଢମାଳି" ପୁସ୍ତକ ରଚନା କରିବା ସହିତ ସେ ଓଡ଼ିଆ ବର୍ଣ୍ଣ କ୍ରମରେ ପ୍ରାୟ ୧୦ ହଜାର ଢଗଢମାଳି ସଂଗ୍ରହ କରି ପ୍ରକାଶ କରିବାକୁ ଯାଉଛନ୍ତି । ଓଡ଼ିଶାର ଗଦ୍ୟଭିତ୍ତିକ କୃଷି ସମ୍ପ୍ରସାରଣ ଧାରାରେ ସେ ପରିବର୍ତ୍ତନ ଆଣି ଏହାକୁ ପଦ୍ୟଧର୍ମୀ କରିଛନ୍ତି । ଏହାଦ୍ୱାରା ରାଜ୍ୟର ବହୁ କୃଷିଜୀବୀ ଏହାକୁ କୃଷି କାର୍ଯ୍ୟରେ ବିନିଯୋଗ କରି ଉପକୃତ ହୋଇପାରୁଛନ୍ତି । "କୃଷକଙ୍କ ଭାଷାରେ କୃଷି ବିଜ୍ଞାନ" ପୁସ୍ତକ ପାଇଁ ୨୦୨୪ ବର୍ଷରେ ସେ "ଓଡ଼ିଶା ବିଜ୍ଞାନ ଏକାଡ଼େମୀ" ପୁରସ୍କାରପ୍ରାପ୍ତ ହୋଇଛନ୍ତି । ରାଜ୍ୟରେ ବିଭିନ୍ନ ସ୍ଥାନରେ 'କୃଷିଟୁଙ୍ଗୀ' ଗଠନ କରି କୃଷକମାନଙ୍କ ପାଇଁ କୃଷି ପାଠାଗାର ସ୍ଥାପନ କରୁଛନ୍ତି । ଏହି ଉତ୍ସବରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ । କୁଳସଚିବ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ଓ ବିକାଶ ଅଧିକାରୀଙ୍କ ଉପସ୍ଥିତିରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।

# ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ଯୁବକଙ୍କୁ ନିଯୁକ୍ତି ପତ୍ର ବିତରିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନ ଏକ ରୋଜଗାର ମେଳା ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନିଯୁକ୍ତି ପାଇଥିବା ୫୧ ହଜାରରୁ ଅଧିକ ଯୁବକୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥର ୧୬ତମ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ୫୧ ହଜାରରୁ ଅଧିକ ଯୁବକୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଏପର୍ଯ୍ୟନ୍ତ ଏଭଳି ରୋଜଗାର ମେଳା ମାଧ୍ୟମରେ ଲକ୍ଷ-ଲକ୍ଷ ଯୁବକୁ ଭାରତ ସରକାରରେ ସ୍ଥାୟୀ ଚାକିରି ମିଳିଛି। ଏହି ଯୁବମାନେ ବର୍ତ୍ତମାନ ରାଷ୍ଟ୍ର ନିର୍ମାଣରେ ବଡ଼ ଭୂମିକା ନିଭାଉଛନ୍ତି।" ସେ ଏହା ମଧ୍ୟ କହିଛନ୍ତି ଯେ, "ଯୁବମାନଙ୍କ ନିଯୁକ୍ତି ପତ୍ର ପ୍ରଦାନ ଅଭିଯାନ ଲାଗାତାର ଜାରି ରହିଛି। 'ବିନା ପର୍ଚ୍ଛି, ବିନା ଖର୍ଚ୍ଛି ଚାକିରି' ହେଉଛି ଆମର ପରିଚୟ।" ପ୍ରଧାନମନ୍ତ୍ରୀ ନିକଟରେ ପାଞ୍ଚଟି ଦେଶକୁ ତାଙ୍କ ଗସ୍ତ କଥା ଉଠାଇ କହିଛନ୍ତି ଯେ, ଆମେ ଅନ୍ୟ ଦେଶମାନଙ୍କ ସହିତ ଯେଉଁ ବୁଝାମଣା କରିଛୁ, ସେଗୁଡିକରୁ ନିଶ୍ଚିତ ଭାବେ ଆମ ଯୁବମାନେ ଲାଭାନ୍ୱିତ ହେବେ। ସେ କହିଛନ୍ତି ଯେ, ଆଜି ସାରା ବିଶ୍ୱ ଏହାକୁ ସ୍ୱୀକାର କରୁଛି ଯେ ଭାରତ ପାଖରେ ଦୁଇଟି ଅସୀମ ଶକ୍ତି ଅଛି । ଗୋଟିଏ ଡେମୋଗ୍ରାଫି ଓ ଦ୍ୱିତୀୟ ଡେମୋକ୍ରେସି । ଅର୍ଥାତ୍, ସବୁଠୁ ବଡ଼ ଯୁବ ଜନସଂଖ୍ୟା ଓ ସବୁଠୁ ବଡ଼ ଗଣତନ୍ତ୍ର।" ସେ କହିଛନ୍ତି ଯେ, ଷ୍ଟାର୍ଟଅପ୍, ଇନୋଭେସନ୍ ଓ ରିସର୍ଚ୍ଚର ଇକୋସିଷ୍ଟମ୍ ଆଜି ଦେଶରେ ତିଆରି ହେଉଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida